Vol.-I, Issue No. -8
15-30 June, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ
## Odisha Sanket


ସଫ୍ଟଓ୍ୱେର ଇଞ୍ଜିନିଅରରୁ ସଫଳ ଅଭିନେତ୍ରୀ

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ଐତିହାସିକ ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ: ଓଡ଼ିଶାର ମୟୂରଭଂଜ ଜିଲ୍ଲାର ଆଦିବାସୀ ନେତ୍ରୀ, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଛି କ୍ଷମତାସୀନ ଏନଡିଏ। ଭୋଟ୍ ଗଣିତ ସଙ୍କେତ ଦେଉଛି ଯେ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ହେବା ଏକ ପ୍ରକାର ନିଶ୍ଚିତ। ଯଦି ଏମିତି ହୁଏ, ତାହାହେଲେ ସେ ହେବେ ପ୍ରଥମ ଆଦିବାସୀ ରାଷ୍ଟ୍ରପତି। ପୂର୍ବରୁ ଦେଶର ଚତୁର୍ଥ ରାଷ୍ଟ୍ରପତି ଭାବେ ୧୯୬୯ ମସିହାରେ ଓଡ଼ିଶାରୁ ଭି ଭି ଗିରି ନିର୍ବାଚିତ ହୋଇଥିଲେ। ତେଲୁଗୁ ଭାଷୀ ହୋଇଥିଲେ ହେଁ, ସେ ଓଡ଼ିଶାର ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିଲେ ଏବଂ ଖଲିକୋଟରେ ପାଠ ପଢ଼ିଥିଲେ।

କିଏ ହେବେ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ? ଦେଶର ଏହି ସର୍ବୋଚ୍ଚ ପଦବୀ ଲାଗି ପ୍ରାର୍ଥୀଙ୍କ ନାମକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମିଳିତ ବିରୋଧୀ ଦଳ ଯଶବନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଓଡିଶାର ବିଜେପି ନେତ୍ରୀ ତଥା ଝାଡଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ ଘୋଷଣା କରିଛି ଏନ୍‌ଡିଏ। ନିର୍ବାଚିତ ହେଲେ ଦ୍ରୌପଦୀ ହେବେ ଦେଶର ପ୍ରଥମ ଓଡ଼ିଆ ଏବଂ ଆଦିବାସୀ ମହିଳା ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି। ମୁର୍ମୁଙ୍କ ପୂର୍ବରୁ ପ୍ରତିଭା ପାଟିଲ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଥିଲେ। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନର ସର୍ବୋଚ୍ଚ ପଦବୀ ଲାଗି ଓଡ଼ିଶାର ଆଦିବାସୀ ନେତ୍ରୀ ଶ୍ରୀମତ୍ରୀ ମୁର୍ମୁଙ୍କ ନାମ ଘୋଷଣା କରି ବିଜେପି ସମସ୍ତଙ୍କୁ ଚକିତ କରିଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଉଭୟ ପୂର୍ବ ଭାରତ ଅଭିଯାନ ଏବଂ ଓଡ଼ିଶା ସଂପର୍କରେ ତାର ଆଭିମୁଖ୍ୟକୁ ବିଜେପି ସ୍ପଷ୍ଟ କରିଛି। ଦ୍ରୌପଦୀଙ୍କୁ ପ୍ରାର୍ଥୀ କରି ଦଳ ଏକାସାଙ୍ଗରେ ଆଦିବାସୀ ଓ ମହିଳା କାର୍ଡ ଖେଳିଛି ଏବଂ ଓଡ଼ିଶାର ଶାସକ ବିଜୁ ଜନତା ଦଳ ସମେତ ସବୁ ଆଦିବାସୀ ବହୁଳ ରାଜ୍ୟକୁ ସମର୍ଥନ କରିବା ଲାଗି ଏକପ୍ରକାର ଚାପରେ ରଖିଛି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ ଏବଂ ୨୧ ତାରିଖରେ ଭୋଟ ଗଣତି ହେବ। ଏଥିପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଜୁନ୍ ୨୯ ରଖାଯାଇଛି।

୨୦୧୫ ମସିହାରେ ଦ୍ରୌପଦୀ ଝାଡଖଣ୍ଡର ରାଜ୍ୟପାଳ ହୋଇଥିଲେ। ଓଡିଶାର ସାନ୍ତାଳ ଆଦିବାସୀ ସଂପ୍ରଦାୟର ଦ୍ରୌପଦୀ ଜଣେ ଶିକ୍ଷୟିତ୍ରୀ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ୧୯୯୭ ମସିହାରେ ରାଜନୀତିକୁ ପ୍ରବେଶ କରିଥିଲେ। ବିଜେପି ଆଦିବାସୀ ମୋର୍ଚ୍ଚା ଉପସଭାପତି ପଦ ସମ୍ଭାଳିବା ପରେ ୨୦୦୦ ଏବଂ ୨୦୦୯ ମସିହାରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଓଡିଶାରେ ବିଜେପି ଓ ବିଜେଡି ମେଣ୍ଟ ସରକାର ସମୟରେ ସେ ମତ୍ସ୍ୟ ଓ ପ୍ରାଣୀ ସଂପଦ ଏବଂ ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ହୋଇଥିଲେ। ୬୪ ବର୍ଷୀୟା ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟ୍ କରି ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଦ୍ରୌପଦୀ ମୁର୍ମୁ ଜୀ ସମାଜ ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି। ଗରିବ, ଅବହେଳିତ ବର୍ଗର ଲୋକଙ୍କ ଜୀବନକୁ ସଶକ୍ତ କରିବା ଲାଗି ସେ ଅନେକ କାର୍ଯ୍ୟ କରିଛନ୍ତି। ପ୍ରଶାସିନକ କାର୍ଯ୍ୟରେ ତାଙ୍କର ଗଭୀର ଦକ୍ଷତା ରହିଛି। ରାଜ୍ୟପାଳ ଭାବେ ତାଙ୍କର କାର୍ଯ୍ୟକାଳ ଉଲ୍ଲେଖନୀୟ ରହିଥିଲା। ସେ ଦେଶର ଜଣେ ମହାନ ରାଷ୍ଟ୍ରପତି ହେବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ସମାଜରେ ଯେଉଁମାନେ ଦାରିଦ୍ର୍ୟ ଓ କଷ୍ଟ ଅନୁଭବ କରିଛନ୍ତି ସେମାନେ ଦ୍ରୌପଦୀ ମୁର୍ମୁଜୀଙ୍କ ଜୀବନରୁ ଅନେକ କିଛି ଶିକ୍ଷାଲାଭ କରିଛନ୍ତି। ନୀତି ପ୍ରସଙ୍ଗରେ ତାଙ୍କର ଗଭୀର ଜ୍ଞାନ ଓ ସହାନୁଭୂତିଶୀଳ ପ୍ରକୃତି ଦେଶକୁ ବିଶେଷଭାବେ ଉପକୃତ କରିବ।'

ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ବିରୋଧୀ ଦଳ ପ୍ରାର୍ଥୀ ଭାବେ ମନୋନୀତ ହୋଇଛନ୍ତି। ଟିଏମ୍‌ସି ନେତା ସିହ୍ନା କହିଛନ୍ତି, ବର୍ତ୍ତମାନ ଦଳୀୟ ରାଜନୀତିରୁ ଦୂରେଇ ରହି ଜାତୀୟ ସ୍ୱାର୍ଥ ପାଇଁ କାମ କରିବାର ବେଳ ଆସିଛି। 'ଟିଏମ୍‌ସିରେ ମମତାଜୀ ଯେଉଁଭଳି ଭାବେ ମତେ ସମ୍ମାନ ଦେଇଛନ୍ତି ସେଥିପାଇଁ ମୁଁ କୃତଜ୍ଞ। ଏବେ ଦଳ ଠାରୁ ଊର୍ଦ୍ଧ୍ୱରେ ଯାଇ ଜାତୀୟ ସ୍ୱାର୍ଥ ପାଇଁ କାମ କରିବାର ସମୟ ଆସିଛି' ବୋଲି ସିହ୍ନା କହିଛନ୍ତି।

ତେବେ ଦ୍ରୌପଦୀଙ୍କୁ କାହିଁକି ବାଛିଲା ବିଜେପି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କିମାରିଛି। ୧୯୫୮ ମସିହାରେ ଜନ୍ମିତ ମୁର୍ମୁ ଜଣେ ଆଦିବାସୀ ସମ୍ପ୍ରଦାୟର ନେତ୍ରୀ। ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଦ୍ୱାରା ବିରୋଧୀ ଶିବିରକୁ ବଡ ଝଟକା ଲାଗିବ। କାରଣ ସେ ଆଦିବାସୀ ହେବା ସହ ଉପାର ମେଣ୍ଟଭୁକ୍ତ ଦଳ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦ୍ୱାରା ଶାସିତ ଝାଡଖଣ୍ଡର ରାଜ୍ୟପାଳ ଥିବାରୁ ତାଙ୍କୁ ସମର୍ଥନ ନ କରିବା ବିରୋଧୀଙ୍କ ପାଇଁ କଷ୍ଟକର ହୋଇପଡିବ। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ମିଳିତ ବିରୋଧୀ ଦଳର ଅଂଶ ହୋଇଥିବାରୁ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବା କଥା। କିନ୍ତୁ ମୁର୍ମୁ ପୂର୍ବତନ ଝାଡଖଣ୍ଡ ରାଜ୍ୟପାଳ ଥିବାରୁ ରାଜ୍ୟ ସରକାରଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି। ଏହା ଜେଏମ୍‌ଏମ୍‌କୁ ସିହ୍ନାଙ୍କୁ ଭୋଟ ଦେବା ନେଇ ପୁନର୍ବିଚାର କରିବାକୁ ବାଧ କରିବ।

୨୦୧୭ରେ ମୁର୍ମୁ ତତ୍କାଳୀନ ବିଜେପି ସରକାରର ଲ୍ୟାଣ୍ଡ ଟେନାନ୍ସି ଆକ୍ଟର ସଂଶୋଧନ ଯୋଜନାକୁ ବିଫଳ କରିଦେଇଥିଲେ। ଛୋଟନାଗପୁର ଟେନାନ୍ସି (ସିଏନ୍‌ଟି) ଆକ୍ଟ ଓ ସାନ୍ତାଳ ପ୍ରଗଣା ଟେନାନ୍ସି (ଏସ୍‌ପିଟି) ଆକ୍ଟର ସଂଶୋଧନ ବିଲ୍‌କୁ ସେ ଫେରାଇ ଦେଇଥିଲେ। ଝାଡଖଣ୍ଡର ଆଦିବାସୀମାନେ ବିଜେପିର ଏହି ବିଲ୍‌କୁ ଘୋର ବିରୋଧ କରୁଥିଲେ। ଏହାଦ୍ୱାରା ଝାଡଖଣ୍ଡରେ ମୁର୍ମୁଙ୍କ ଲୋକପ୍ରିୟତା ବୃଦ୍ଧି ପାଇଥିଲା। ମୁର୍ମୁଙ୍କୁ ପ୍ରାର୍ଥୀ କରିବା ଦ୍ୱାରା ବିଜେପିକୁ କେତେକ ଦୃଷ୍ଟିରୁ ଫାଇଦା ମିଳିବ। ବିଜେପି ପାଇଁ ଏହା ଦୀର୍ଘକାଳୀନ ରାଜନୈତିକ ଯୋଜନା ହୋଇପାରେ। ଆସନ୍ତା ଗୁଜରାଟ ବିଧାନସଭା ନିର୍ବାଚନରେ ମଧ୍ୟ ଏହା ସହାୟକ ହୋଇପାରେ। ୨୦୧୧ ଜନଗଣନା ଅନୁଯାୟୀ ଗୁଜରାଟରେ ୧୪ ପ୍ରତିଶତରୁ ଅଧିକ ଆଦିବାସୀ ଅଛନ୍ତି। ଉତ୍ତରପୂର୍ବରେ ମଧ୍ୟ ଏହା ବିଜେପି ପାଇଁ ବେଶ୍ ଅନୁକୂଳ ପ୍ରଭାବ ପକାଇବ କାରଣ ସେଠାରେ ଆଦିବାସୀ ଜନସଂଖ୍ୟା ଅଧିକ। ଭାରତର ମୋଟ ଆଦିବାସୀ ଜନସଂଖ୍ୟା ହେଉଛି ୮.୬ ପ୍ରତିଶତ। ଭାରତର ଗ୍ରାମାଞ୍ଚଳରେ ଆଦିବାସୀଙ୍କ ସଂଖ୍ୟା ୧୧.୩ ପ୍ରତିଶତ ହୋଇଥିବା ବେଳେ ସହରାଞ୍ଚଳରେ ୨.୮ ପ୍ରତିଶତ। ଭାରତରେ ଆଦିବାସୀ ଜନସଂଖ୍ୟାର ଏକ ହିସାବ ଏଠାରେ ଦିଆଗଲା। ମିଜୋରାମରେ ୯୪.୪%, ନାଗାଲାଣ୍ଡରେ ୮୬.୫%, ମେଘାଳୟରେ ୮୬.୧%, ଅରୁଣାଚଳରେ ୬୮.୮%, ମଣିପୁରରେ ୩୫.୧%, ସିକିମରେ ୩୩.୮%, ତ୍ରିପୁରାରେ ୩୧.୮%, ଛତିଶଗଡରେ ୩୦.୬%, ଝାଡଖଣ୍ଡରେ ୨୬.୨%, ଓଡିଶାରେ ୨୨.୮%, ମଧ୍ୟପ୍ରଦେଶରେ ୨୧.୧%, ଗୁଜରାଟରେ ୧୪.୮%, ରାଜସ୍ଥାନରେ ୧୩.୫% ଏବଂ ଜମ୍ମୁ-କାଶ୍ମୀରରେ ୧୧.୯% ଆଦିବାସୀ ଅଛନ୍ତି। ଛତିଶଗଡ ପରି ରାଜ୍ୟ ଯେଉଁଠି ବିଜେପି ଗତ ବିଧାନସଭା ନିର୍ବାଚନରେ ହାରିଛି, ସେଠାରେ ଏହି ନିଷ୍ପତ୍ତି କିଛି ଅନୁକୂଳ ପ୍ରଭାବ ପକାଇପାରେ। ଜଣେ ଆଦିବାସୀ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିରୋଧ କରିବା ଭୂପେଶ ବାଘେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ପାଇଁ ମହଙ୍ଗା ପଡିପାରେ କାରଣ ଛତିଶଗଡରେ ୩୦ ପ୍ରତିଶତ ଆଦିବାସୀ ଅଛନ୍ତି।





## ଦଳମତ ନିର୍ବିଶେଷରେ ସମର୍ଥନ କରିବା ପାଇଁ ଟ୍ୱିଟ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଦ୍ରୌପଦୀ ମୁର୍ମୁଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଘୋଷଣା ସାରା ଓଡିଶା ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ଟ୍ୱିଟ କରି ମୁର୍ମୁଙ୍କୁ ସମର୍ଥନ କରିବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ କରିଥିବା ଟ୍ୱିଟରେ ଲେଖାଯାଇଛି ଯେ, ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟଙ୍କୁ ଅପିଲ କରୁଛି ଯେ, ଦଳମତ ନିର୍ବିଶେଷରେ ସମସ୍ତେ ଓଡିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ପଦବୀକୁ ନିର୍ବାଚିତ କରିବା ପାଇଁ ସର୍ବସମ୍ମତି କ୍ରମେ ସମର୍ଥନ କରନ୍ତୁ। ଇଟାଲି ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ। ଟୁଇଟ୍‌ରେ କହିଥିଲେ ସର୍ବୋଚ୍ଚ ପଦବୀ ପାଇଁ ଏନ୍‌ଡିଏର ପ୍ରାର୍ଥୀ ଶ୍ରୀମତୀ ମୁର୍ମୁଙ୍କୁ ଅଭିନନ୍ଦନ। ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ପ୍ରସ୍ତାବ ନେଇ ମୋ ସହ ଆଲୋଚନା କରିଥିଲେ ମୁଁ ବହୁତ ଖୁସି ହୋଇଥିଲି। ବାସ୍ତବରେ ଓଡିଶାବାସୀଙ୍କ ପାଇଁ ଏହା ଗର୍ବର ମୁହୂର୍ତ୍ତ। ଦେଶରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଶ୍ରୀମତୀ ମୁର୍ମୁ ଏକ ଉଦାହରଣ ସୃଷ୍ଟି କରିବେ ବୋଲି ମୁଁ ନିଶ୍ଚିତ।

## ନାମାଙ୍କନ ଦାଖଲ କଲେ ଦ୍ରୌପଦୀ



ରାଷ୍ଟ୍ରପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶ୍ରୀମତୀ ମୁର୍ମୁ ପ୍ରାର୍ଥିପତ୍ର ଦାଖଲ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡା, ଏନ୍‌ଡିଏର ସହଯୋଗୀ ଦଳ ଏବଂ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ବିଶ୍ୱେଶ୍ୱର ଟୁଡୁ, ଓଡିଶାର ଦୁଇ ମନ୍ତ୍ରୀ ଟୁକୁନି ସାହୁ ଓ ଜଗନ୍ନାଥ ସାରକା, ବିଜେପି ସାଂସଦ ଜୁଏଲ ଓରାମ, ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଓଡିଶାରୁ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର, ମୋହନ ଚରଣ ମାଝୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ କୁମାର ଷଡଙ୍ଗୀ, ନବଚରଣ ମାଝୀ, କୁସୁମ ଟେଟେ, ବୁଧାନ ମୁର୍ମୁ, ପ୍ରକାଶ ସୋରେନ, ନାଉରୀ ନାୟକ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ ଓ ଶଙ୍କର ଓରାମ ଉପସ୍ଥିତ ଥିଲେ। ଏଥିସହିତ, ବହୁ କେନ୍ଦ୍ରମନ୍ତ୍ରୀ ଓ ଅଣଏନ୍‌ଡିଏ ଦଳ ବିଜେଡି ଏବଂ ୱାଇଏସ୍‌ଆର୍‌ସିପି ପ୍ରତିନିଧି ଯୋଗଦେଇଥିଲେ। ଶ୍ରୀମତୀ ମୁର୍ମୁ ଚାରି ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସଂସଦ ଭବନ ଲାଇବ୍ରେରୀ କୋଠାକୁ ଯାଇ ଶ୍ରୀମତୀ ମୁର୍ମୁ ସମସ୍ତ ପ୍ରସ୍ତାବକ ଓ ନେତାମାନଙ୍କୁ ଭେଟିଥିଲେ। ସେମାନଙ୍କୁ ସେ କୃତଜ୍ଞତା ଜଣାଇବା ସହିତ ସହଯୋଗ ଲୋଡିଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସଂସଦ ଭବନ ଲାଇବ୍ରେରି କୋଠାରେ ଉପସ୍ଥିତ ଓଡିଶାର ଦୁଇ ମନ୍ତ୍ରୀ ଏବଂ ରାଜ୍ୟ ବିଜେପିର ୧୨ ଜଣ ବିଧାୟକଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଆସନ୍ତାମାସ ଏକ ତାରିଖରୁ ସମର୍ଥନ ଯୋଗାଡ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ କେରଳ ଓ ତେଲେଙ୍ଗାନାକୁ ବାଦ୍‌ଦେଇ ଦେଶସାରା ବୁଲି ନିଜ ପାଇଁ ପ୍ରଚାର କରିବେ ବୋଲି ଜଣାପଡିଛି। ତାଙ୍କସହିତ ଦୁଇ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ଜି. କିଷନ ରେଡ୍ଡି ମଧ୍ୟ ସାମିଲ୍ ହେବେ। ଓଡିଶା ଭବନରେ ଏବେ ସାମୟିକ ଅବସ୍ଥାନ କରୁଥିବା ଶ୍ରୀମତୀ ମୁର୍ମୁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବାସଭବନକୁ ସ୍ଥାନାନ୍ତର ହେବେ। ସୂଚନା ଅନୁସାରେ ତାଙ୍କ ପାଇଁ ରାଷ୍ଟ୍ରପତି ନିର୍ବାଚନ ଫଳଫଳ ଘୋଷଣା ପର୍ଯ୍ୟନ୍ତ ୪, ପଣ୍ଡିତ ଉମାଶଙ୍କର ମାର୍ଗସ୍ଥିତ ବାସଭବନ ବ୍ୟବସ୍ଥା କରାଯାଇଛି।

## ସୋନିଆ, ମମତା ଓ ପାୱାରଙ୍କ ସହ ଆଲୋଚନା

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ କଂଗ୍ରେସର ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଏନସିପି ମୁଖ୍ୟ ଶରଦ ପାୱାରଙ୍କ ସହ କଥା ହୋଇଛନ୍ତି। କୁହାଯାଉଛି ଯେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ବିରୋଧୀ ଦଳର ନେତାଙ୍କଠାରୁ ସମର୍ଥନ ଲୋଡିଥିଲେ। ଏହି ନେତାମାନେ ତାଙ୍କୁ କଣ ଆଶ୍ୱାସନା ଦେଇଛନ୍ତି, ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ତେବେ ଏହାରି ମଧ୍ୟରେ ଏବେ ଆଲୋଚନା ହେଉଛି ଯେ ରାଷ୍ଟ୍ରପତି ପଦ ପାଇଁ ଦ୍ରୌପଦୀ ମୁର୍ମୁ ନିର୍ବିରୋଧ ନିର୍ବାଚିତ ହେବେ କି ?

## ସମର୍ଥନ କରିବାକୁ ମାୟାବତୀଙ୍କ ଘୋଷଣା



ବିରୋଧୀ ଦଳର ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କ ଅପେକ୍ଷା ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି। ଏନଡ଼ିଏରୁ ପ୍ରାର୍ଥୀ ହୋଇଥିବା ମୁର୍ମୁଙ୍କୁ ସମର୍ଥନ କରିବାକୁ ବହୁଜନ ସମାଜ ପାର୍ଟି ଘୋଷଣା କରିଛି। ବିଏସପି ସୁପ୍ରିମୋ ମାୟାବତୀ କହିଛନ୍ତି- ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ଆମେ ନିଷ୍ପତ୍ତି ନେଇଛୁ। ସେ କହିଛନ୍ତି ଯେ ବିଏସପି ଏନଡିଏ କିମ୍ବା ୟୁପିଏ ପଛରେ ପଡିବା ଦଳ ନୁହେଁ। ସେ କହିଛନ୍ତି ବିଏସପି ଏକ ସ୍ୱାଧୀନ ଏବଂ ନିର୍ଭୀକ ଦଳ। ଯଦି କୌଣସି ଦଳ ଦେଶର ପଛୁଆ ତଥା ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରନ୍ତି, ତେବେ ବିଏସପି ଏହା ସହ ଛିଡା ହେବ। ମାୟାବତୀ କହିଛନ୍ତି ଯେ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ନୀତି ଉପରେ କାମ କରିବା ବିଏସପିର ଉଦ୍ଦେଶ୍ୟ। ବିଶେଷକରି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସକୁ ଟାର୍ଗେଟ କରି ମାୟାବତୀ କହିଛନ୍ତି ଯେ କିଛି ଲୋକ ବିଏସପିକୁ ବଦନାମ କରିବାକୁ କୌଣସି ସୁଯୋଗ ଛାଡନ୍ତି ନାହିଁ, ଆମର ବିଧାୟକଙ୍କୁ ନିଜେ ପକ୍ଷକୁ ନେବା ପାଇଁ କାର୍ଯ୍ୟ କରାଯାଇଛି। ମାୟାବତୀ କହିଛନ୍ତି ଯେ ଉତ୍ତରପ୍ରଦେଶରେ ବିଏସପି ନେତୃତ୍ୱରେ ଚାରିଥର ସରକାର ସମୟରେ ସର୍ବଦା ଦଳିତ, ଶୋଷିତଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରାଯାଇଛି। ରାଷ୍ଟ୍ରପତି ନିର୍ବାଚନରେ ବିଏସପିକୁ ଅବହେଳା କରିଥିବା ମାୟାବତୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ନିର୍ବାଚନରେ ଆମେ ଦେଖିବାକୁ ପାଇଲୁ ଯେ ବିରୋଧୀ ଦଳଗୁଡ଼ିକ ସେମାନଙ୍କର ମନମାନି କରିଛନ୍ତି ଏବଂ ବିଏସପିକୁ ବିରୋଧୀ ଦଳ ଦ୍ୱାରା ଅଲଗା ରଖାଯାଇଛି। ସେ କହିଛନ୍ତି ଯେ ପ୍ରଥମେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମନୋନୀତ ଲୋକଙ୍କୁ ଏକପାଖିଆ ଭାବରେ ଡାକିବା ପରେ ଶରଦ ପାୱାରଙ୍କ ଦ୍ୱାରା ଡକାଯାଇଥିବା ବୈଠକରେ ବିଏସପିକୁ ଅଣଦେଖା କରିବାକୁ ମୁଁ ନିନ୍ଦା କରୁଛି।

## ବିରୋଧୀ ଦଳ ମୋ ମା'ଙ୍କୁ ଅତି ନିକଟରୁ ଜାଣିବା ପରେ ତାଙ୍କୁ ସମର୍ଥନ କରିବେ ନିଶ୍ଚୟ: ଇତିଶ୍ରୀ ମୁର୍ମୁ



ଶିକ୍ଷୟତ୍ରୀ ଭାବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ପରେ ରାଜ୍ୟପାଳ ହୋଇ ଦ୍ରୌପଦୀ ମୁର୍ମୁ ରାଜ୍ୟ କଥା ବୁଝିଥିଲେ। ଏବେ ତାଙ୍କର ଯୋଗ୍ୟତାକୁ ଦେଖି ଏନଡିଏ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରିଛି । ଏହାପରେ ଅନେକ ବିରୋଧୀ ଦଳ ବିଜେପିକୁ ବିରୋଧ କରୁଥିଲେ ବି ମୁର୍ମୁଙ୍କୁ ସମର୍ଥନ କରୁଥିବା ଦେଖାଯାଇଛି। ତେବେ ଏତେ ବଡ ପଦବୀ ପାଇଁ ପ୍ରାର୍ଥୀ ହେବା ପରେ ତାଙ୍କୁ ଅତି ନିକଟରୁ ଦେଖିଥିବା ତାଙ୍କ ଝିଅ ଇତିଶ୍ରୀ ମୁର୍ମୁ ନିଜର ପ୍ରତିକ୍ରିୟା ରଖିଛନ୍ତି। ଜାତୀୟ ଗଣମାଧ୍ୟମ 'ଇଣ୍ଡିଆ ଟୁଡେ'କୁ ସାକ୍ଷାତକାର ଦେଇ ଇତିଶ୍ରୀ ମୁର୍ମୁ କହିଛନ୍ତି ଯେ, ମୋ ମା'ଙ୍କୁ ଯିଏ ଭଲ ଭାବରେ ଜାଣିଯିବ, ସେ ତାଙ୍କୁ ସମର୍ଥନ କରିବ ନିଶ୍ଚୟ। ସେ ମୋ ପାଇଁ ଜଣେ କଠୋର ମା' ଏବଂ ଶିକ୍ଷୟତ୍ରୀ ଥିଲେ। ମୁଁ ସେ ପଢ଼ାଉଥିବା ସ୍କୁଲରେ ପଢୁଥିଲି। ସେଥିପାଇଁ ଗୋଟିଏ ଝିଅ ଓ ଜଣେ ଛାତ୍ରୀ ଭାବରେ ମୋ ଉପରେ ଅଧିକ ଚାପ ରହୁଥିଲା। ମୋ ମା' ସବୁବେଳେ କ୍ଲାସରେ ପରୀକ୍ଷା କରାଉଥିବାରୁ ମୋ ସାଙ୍ଗମାନେ ମୋ ଉପରେ ଚିଡୁଥିଲେ। ଉଲ୍ଲେଖଯୋଗ୍ୟ, ଦ୍ରୌପଦୀ ମୁର୍ମୁ ରାଜନୀତିକୁ ଆସିବା ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରୁଥିଲେ। କଂଗ୍ରେସ ଏବଂ ଟିଏମସି ପରି ମହିଳା ନେତୃତ୍ୱାଧୀନ ଦଳ ତାଙ୍କ ମା'ଙ୍କୁ ସମର୍ଥନ କରିବା ଉଚିତ କି ନୁହେଁ ବୋଲି ପଚରାଯିବାରୁ ଇତିଶ୍ରୀ କହିଛନ୍ତି ଯେ ସମସ୍ତ ବିରୋଧୀ ଦଳ ମୋ ମା'ଙ୍କୁ ଅତି ନିକଟରୁ ଜାଣିବା ଉଚିତ୍। ମୁଁ ନିଶ୍ଚିତ ଯେ, ଏଭଳି ହେଲେ ସେମାନେ ମୋ ମା'ଙ୍କୁ ସମର୍ଥନ କରିବେ। ମା' ରାଷ୍ଟ୍ରପତି ହେବା ପରେ ବି ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କରେ ମ୍ୟାନେଜର ଭାବେ କାମ କରୁଥିବା ଇତିଶ୍ରୀ ତାଙ୍କ ଦୁଇ ପିଲାଙ୍କ ସହ ମା' ଦ୍ରୌପଦୀ ମୁର୍ମୁଙ୍କ ସହ ରହିବାକୁ ଚାହୁଁଥିବା କହିଛନ୍ତି।

## ନିର୍ବାଚନରେ ସାମିଲ ହେବେ ନାହିଁ ଏହି ରାଜ୍ୟର ବିଧାୟକ

ଆଗାମୀ ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରାଯିବ ଏବଂ ଜୁଲାଇ ୨୧ ତାରିଖ ଦିନ ଭୋଟ୍ ଗଣନା କରାଯିବ। ଜୁଲାଇ ୨୫ ତାରିଖରେ ନବନିର୍ବାଚିତ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ। କିନ୍ତୁ ଭାରତର ଏମିତି ଏକ ରାଜ୍ୟ ଅଛି ଯାହା ରାଷ୍ଟ୍ରପତି ନିର୍ବାଚନରେ ନିଜକୁ ସାମିଲ କରିପାରିବ ନାହିଁ। ଏହି ରାଜ୍ୟଟି ହେଉଛି ଜମ୍ମୁକଶ୍ମୀର। ବାସ୍ତବରେ ୨୦୧୯ ମସିହାରେ ଜମ୍ମୁକଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜମ୍ମୁକଶ୍ମୀରର ବିଧାନସଭା ଗଠନ ହୋଇନାହିଁ। ଜମ୍ମୁକାଶ୍ମୀରର ପୁନର୍ଗଠନ ଅଧିନିୟମରେ ଜମ୍ମୁକାଶ୍ମୀରର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏକ ବିଧାନସଭା ପାଇଁ ବ୍ୟବସ୍ଥା କରିଛି । କିନ୍ତୁ ସେଠାରେ ନିର୍ବାଚନ ହୋଇପାରି ନାହିଁ। ତେବେ ଜମ୍ମୁକାଶ୍ମୀରର କେନ୍ଦ୍ରଶାସିତ ଅଞ୍ଚଳର ପାଞ୍ଚ ଜଣ ଲୋକସଭା ସଦସ୍ୟ ଫାରୁକ୍ ଅବଦୁଲ୍ଲା, ହସେନ ମାସୁଦି, ଆକବର ଲୋନ, ଯୁଗଳ କିଶୋର ଶର୍ମା ଏବଂ ଜିତେନ୍ଦ୍ର ସିଂ ରାଷ୍ଟ୍ରପତି ନିର୍ବାଚନରେ ଭୋଟ୍ ଦେବେ। ଉଲ୍ଲେଖଯୋଗ୍ୟ ଯେ ଜମ୍ମୁକଶ୍ମୀର ଇତିହାସରେ ଏହା ଦ୍ୱିତୀୟ ଥର ଘଟିବ, ଯେତେବେଳେ ରାଷ୍ଟ୍ରପତି ନିର୍ବାଚନରେ ରାଜ୍ୟର ବିଧାନସଭା ଅଂଶଗ୍ରହଣ କରିପାରିବ ନାହିଁ। ଏହାପୂର୍ବରୁ ୧୯୯୨ ମସିହାରେ ଜମ୍ମୁକଶ୍ମୀରକୁ ବିଲୋପ କରାଯାଇଥିଲା। ସେତେବେଳେ ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। ସୂଚନା ଥାଉ କି ଏନଡିଏ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଥିବାବେଳେ ବିରୋଧୀ ଦଳମାନେ ଯଶୱନ୍ତ ସିହ୍ନାଙ୍କୁ ମଇଦାନକୁ ଓହ୍ଲାଇଛନ୍ତି



# ଘୋଷିବା ନା ବୁଝିବା ?

ପ୍ରଣତି ପାତ୍ର

“

ପିଲାମାନେ ଯେତେ ମନେ ରଖିବେ ସେତେ ଜିଜ୍ଞାସୁ ମଧ ହେବେ। ତେଣୁ ତାଙ୍କ ଭିତରେ ସୃଜନାତ୍ମକ ଶକ୍ତି ତଥା ବିଶ୍ଳେଷଣାତ୍ମକ ଶକ୍ତିକୁ ଉଜାଗର କରିବା ନିମନ୍ତେ ସେମାନଙ୍କୁ ପ୍ରଶ୍ନ ପଚାରିବା ନିମନ୍ତେ ଉତ୍ସାହିତ କରିବା ଉଚିତ। ନହେଲେ କହୁଥିବା ବାକ୍ୟର ଅର୍ଥ ଜାଣିନଥିବା ଘୋଷା ଶୁଆ ପରି ପିଲାମନଙ୍କ ବୋଧଶକ୍ତିର ବିକାଶ ହେବନାହିଁ।



ନୂଆଁକରି ସରପଞ୍ଚ ହୋଇଥିବା ବାସୁଦେବ ନାୟକଙ୍କୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ ନିମନ୍ତେ ନିମନ୍ତ୍ରଣ ଦେଇଗଲେ। ସେହି ବିଦ୍ୟାଳୟରେ ପ୍ରାୟ ପାଞ୍ଚଶହରୁ ଅଧିକ ଛାତ୍ରଛାତ୍ରୀ ପଢୁଥାନ୍ତି। ଏକଦା ବାସୁଦେବ ବାବୁ ମଧ ସେହି ବିଦ୍ୟାଳୟର ଛାତ୍ର ଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକର ବିଡିଓ, ଜିଲ୍ଲା ଶିକ୍ଷାଧିକାରୀ, ଛାତ୍ରଛାତ୍ରୀ, ଅଭିଭାବକ ତଥା ଗ୍ରାମବାସୀ ଯୋଗଦେବେ। ଏତେବଡ଼ ଜନସମାବେଶ ଆଗରେ ବାସୁଦେବ ବାବୁଙ୍କୁ ଭଲ ଭାଷଣଟିଏ ଦେବାକୁ ପଡ଼ିବ।

ସେହି ଗାଁର ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କୁ ତାଙ୍କ ପାଇଁ ଭଲ ଭାଷଣଟିଏ ଲେଖିଦେବା ନିମନ୍ତେ ଅନୁରୋଧ କଲେ। ଦୁଇ ପୃଷ୍ଠା ବିଶିଷ୍ଟ ଭାଷଣଟି ଦେଖି ପ୍ରଥମେ ବାସୁଦେବ ଖୁସିଟାଏ ହୋଇଗଲେ। ହେଲେ ଭାଷଣରେ ଥିବା ଅନେକ ତଥ୍ୟ ତାଙ୍କର ବୋଧଗମ୍ୟ ହେଉନଥାଏ। ଆହୁରି ମଧ ଭାଷଣର ଭାଷା ତାଙ୍କୁ ଟିକେ ଜଟିଳ ମଧ ଲାଗୁଥାଏ।

ଆସନ୍ତାକାଲି ଉଦ୍‌ଘାଟନୀ ଉତ୍ସବ। ଏତେ କମ୍ ସମୟ ମଧରେ ଦୁଇ ପୃଷ୍ଠା ଭାଷଣକୁ କେମିତି ବୁଝି ଏତେ ବଡ଼ ଜନସମାବେଶରେ ଉପସ୍ଥାପନ କରିବେ ? ହଠାତ୍ ତାଙ୍କୁ ପିଲା ବେଳର କଥା ମନେ ପଡ଼ିଗଲା। ଆଉ ବେଶି କିଛି ଚିନ୍ତା ନ କରି ଭାଷଣଟିକୁ ଘୋଷିବାରେ ଲାଗିଲେ। ସାରା ଦିନ ବାରମ୍ବାର ଘୋଷି ଘୋଷି ଅନେକ ତଥ୍ୟ ମୁଖସ୍ତ କରିପକେଇଲେ।

ଉଦ୍‌ଘାଟନୀ ସଭାରେ ଏଥର ସରପଞ୍ଚଙ୍କ ଭାଷଣ ଦେବାର ପାଳି। ବାସୁଦେବ ବାବୁ ଟିକିଏ ନରଭସ୍ ଅନୁଭବ କଲେ। ଯାହାହେଉ, ମନେ ପକେଇ ଭାଷଣଟିକୁ ଯେନତେନ କହିଗଲେ। ଏତେ ସମୟ କହି ସାରିଲା ପରେ ସେ ଭାରି ଚାପଗ୍ରସ୍ତ ଅନୁଭବ କରୁଥାନ୍ତି। ଶେଷ କେତୋଟି ଧାଡ଼ି ତାଙ୍କର ଆଉ ମନେ ପଡ଼ିଲା ନାହିଁ। ବୋଧେ ଶେଷ ଧାଡ଼ିରେ ‘ଏଥର ମୁଁ ମୋର ବକ୍ତବ୍ୟ ଶେଷ କରୁଛି’ ବୋଲି ଲେଖା ହୋଇଥିଲା। ହେଲେ ସରପଂଚ ଆଜ୍ଞା ଏହା ପରିବର୍ତ୍ତେ ‘ଏଥର ମୁଁ ମୋର ଶେଷ ନିଶ୍ୱାସ ତ୍ୟାଗକରୁଛି’ ବୋଲି କହିଲେ। ଏହାର ପରିଣତି ବିଷୟରେ ଆପଣମାନେ ଜାଣନ୍ତି।

ଏହି ଗଳ୍ପଟି ପଢୁ ପଢୁ ଆମର ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ ‘ଥ୍ରୀ ଇଡିୟଟସ୍’ର ଶିକ୍ଷକ ଦିବସରେ ଛାତ୍ର ଚତୁରଙ୍କ ହାସ୍ୟୋଦ୍ଦୀପକ ଭାଷଣର ଦୃଶ୍ୟ ମନେ ପଡ଼ିଯାଉଥିବ।

ଶିକ୍ଷା ବ୍ୟବସ୍ଥାରେ ଘୋଷାପାଠର ଗୁରୁତ୍ୱକୁ ‘ଷ୍ଟୁଡେଣ୍ଟ ଅଫ୍ ଦି ଇଅର’ ଚଳଚ୍ଚିତ୍ରରେ ‘ରଟ୍ଟାମାର୍’ ଗୀତରେ କୁହାଯାଇଛି। ଏହି ଗୀତର କିଛି ଅଂଶ ଏଠାରେ ଉଦ୍ଧୃତ କରାଗଲା।

‘ପ୍ରେସର କୁକୁର ଜୈସେ
ସରକୀ ବଜ୍ ଜାଏନା ସିଟି
ତବ୍ ତକ ମାର
ରଟ୍ଟା ମାର, ରଟ୍ଟା ମାର
At the end of the Day
ଉପର ତେରେ
ଲଟକୀ ହେ performance କୀ
ତଲବାର
ହେ ଏକ୍ କୀ solution ତେରୀ
ମୁସକଲ କା ୟାର
ରଟ୍ଟା ମାର, ରଟ୍ଟା ମାର।

ଯାହାହେଉ, ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ ନେଇ ଏକ ମୌଳିକ ପ୍ରଶ୍ନ ଉଠେଯେ, ମୁଖସ୍ଥୀକରଣ ବିନା ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ନମ୍ବର ହାସଲ କରିପାରିବେ କି ? ପୁରାତନ ଭାରତରେ ବିଦ୍ୟାର୍ଥୀ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ବେଦ, ଉପନିଷଦ, ଭଗବତ ଗୀତା ଇତ୍ୟାଦି ମୁଖସ୍ଥ କରୁଥିଲେ। ପରବର୍ତ୍ତୀ ସମୟରେ ସେହି ବିଦ୍ୟା ବିଷୟରେ ଆଚାର୍ଯ୍ୟ ଆଲୋଚନା ମଧ କରୁଥିଲେ।

ବର୍ତ୍ତମାନ ସମୟରେ ଶିଶୁର ଶିକ୍ଷାରମ୍ଭ ସମୟରୁ ହିଁ ଅକ୍ଷର, ସଂଖ୍ୟା, ଛୋଟ ଗୀତକୁ ଘୋଷିବା ନିମନ୍ତେ ଉତ୍ସାହିତ କରାଯାଏ। ଶିଶୁଟିର ଅବିକଶିତ ମସ୍ତିଷ୍କ ଯୋଗୁଁ ଘୋଷୁଥିବା ପାଠର ଅର୍ଥ ସେ ବୁଝିପାରେ ନାହିଁ। ବୟସ ବଢ଼ିବା ସଂଗେ ସଂଗେ ଘୋଷିବା ତା’ର ଏକ ଅଭ୍ୟାସରେ ପରିଣତ ହୋଇଯାଏ। ତୀକ୍ଷଣ ଓ ଦୁର୍ବଳ ସ୍ମରଣଶକ୍ତି ଭିତ୍ତିରେ ପିଲାମାନଙ୍କ ଉପଲବ୍ଧି ତୁଳନା କରାଯାଏ। କହିବା ବାହୁଲ୍ୟ, ଯେଉଁ ପିଲା ପାଠ୍ୟକ୍ରମକୁ ଭଲ ଭାବରେ ମୁଖସ୍ଥ କରି ପୁନରୁପସ୍ଥାପନ କରିପାରେ, ପରୀକ୍ଷାରେ ତା’ର ଭଲ ମାର୍କ ଆସିଥାଏ।

ସ୍ମରଣଶକ୍ତି ହେଉଛି ମସ୍ତିଷ୍କର ଏକ କ୍ଷମତା। ଅପରପକ୍ଷେ ବିଶ୍ଳେଷଣ କରିବା ମଧ ମସ୍ତିଷ୍କର ଆଉ ଏକ ବଳିଷ୍ଠ କ୍ଷମତା। ଏହି ଦୁଇ ପ୍ରକାର କ୍ଷମତାକୁ ଯଦି ଠିକ୍ ଭାବରେ ଭାରସାମ୍ୟ ରଖାଯାଏ, ତେବେ ମସ୍ତିଷ୍କ ପୂର୍ଣ୍ଣମାତ୍ରାରେ ତା’ର କ୍ଷମତାର ଉପଯୋଗ କରିପାରିବ।

ଯଦି ଛାତ୍ରଟି ବିଦ୍ୟାଗ୍ରହଣ ନିମନ୍ତେ କିମ୍ବା ଭଲ ମାର୍କ ଆଣିବା ନିମନ୍ତେ କେବଳ ସ୍ମରଣଶକ୍ତି ଉପରେ ନିର୍ଭରଶୀଳ ହୋଇଯାଏ ତେବେ ତା’ର ସୃଜନାତ୍ମକ ଶକ୍ତି ସୁପ୍ତ ହୋଇ ରହିଯିବ। ବିଦ୍ୟାକୁ ଜୀବନର ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ପ୍ରୟୋଗ କରିବା ସମୟରେ ତା’ର ସେ ଉପଯୋଗ କରିପାରିବ ନାହିଁ। ଆମ ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରଚଳିତ ବଦ୍ଧଧାରଣା ରହିଛି ଯେ, ଯେଉଁ ବିଦ୍ୟାର୍ଥୀ ଅଧିକ ମାର୍କ ଆଣିପାରୁଛି, ସିଏ ସେତେ ଭଲ ଛାତ୍ର ଏବଂ ଜୀବନରେ ସିଏ ସଫଳ ହେବ। ଏହି ଦୌଡ଼ରେ ପିଲାମାନେ ପାଠକୁ ପଢ଼ି ବୁଝିବା ଓ ନିଜ ଭାଷାରେ ଉପସ୍ଥାପନା କରିବା ଅପେକ୍ଷା ଘୋଷିଦେଇ ପରୀକ୍ଷାରେ ଲେଖିଦେବାକୁ ଅଧିକ ନିରାପଦ ମଣୁଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ପ୍ରଶ୍ନ ପତ୍ରରେ ‘ନିଜ ଶବ୍ଦ’ରେ ଲେଖ କିମ୍ବା ବିଷୟକୁ ତର୍ଜମା କରି ଲେଖ ବୋଲି କୁହାଯାଇଥାଏ। ହେଲେ ଆସନ୍ତୁ ଥରେ ଚିନ୍ତା କରିବା ଗୋଟିଏ ଦୃଷ୍ଟାନ୍ତ ମାଧମରେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ବିଦ୍ୟାର୍ଥୀଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟରେ ନିଜ ଭାଷାରେ ପାଂଚ ଶହ ଶବ୍ଦରେ ଲେଖିବାକୁ କୁହାଗଲା। ସୀମିତ ଅନୁଭୂତି ଥିବା ୧୨-୧୪ବର୍ଷର ପିଲାଟିଏ ଯଦି ନିଜ ଭାଷାରେ ବିଷୟକୁ ଲେଖିଲା, ଆମେ ତା’ର ମେଧାଶକ୍ତିକୁ ସମ୍ମାନ ଦେଇପାରିବା କି ? କିମ୍ବା ପିଲାଟି ଯଦି ବହିରୁ ମୁଖସ୍ଥ କରି ଉପସ୍ଥାପନ କରିଥିବ, ଆମେ ତାକୁ ଅଧିକ ମାର୍କ ଦେବା ନାହିଁ କି ? ପିଲାମାନେ ନିଜ ଭାଷାରେ ଲେଖି କାହିଁକି କମ୍ ମାର୍କ ଆଣିବେ ଯେତେବେଳେ ମୁଖସ୍ତ କରି ଉପସ୍ଥାପନ କରିଦେଲେ ତାଙ୍କୁ ଭଲ ମାର୍କ ମିଳିବ। ବୟସ୍କ ତଥା ଅଭିଜ୍ଞତା ସଂପନ୍ନ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟକ୍ରମ ବିଷୟ ନିଶ୍ଚିତ ଭାବରେ ଗୋଟିଏ ଛୋଟ ପିଲାର ବୋଧଶକ୍ତିଠାରୁ ଉନ୍ନତ। ତେଣୁ ଅଭିଭାବକ ତଥା ଛାତ୍ରଛାତ୍ରୀ ପାଠ୍ୟପୁସ୍ତକର ପ୍ରବନ୍ଧକୁ ମୁଖସ୍ଥ କରି ଭାଷଣ କିମ୍ବା ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଭାଗ ନେବାକୁ ଅଧିକ ନିରାପଦ ମଣିଥାନ୍ତି। ତେଣୁ ଏପରି ଦୃଷ୍ଟିକୋଣର ପରିବର୍ତ୍ତନ ଆବଶ୍ୟକ।

ସମ୍ପ୍ରତି ସମାଜରେ ସ୍ମରଣଶକ୍ତି ବୃଦ୍ଧି କରିବା ଏକ ଭଲ ବ୍ୟବସାୟ ମଧ। ବଜାରରେ ସ୍ମରଣଶକ୍ତି ବୃଦ୍ଧି କରିବା ନିମନ୍ତେ ଅନେକ ପ୍ରକାରର ଔଷଧ ମିଳୁଛି। ଏତଦ୍‌ବ୍ୟତୀତ ସ୍ମରଣଶକ୍ତି ବଢ଼ାଇବା ନିମନ୍ତେ କିଛି ବ୍ୟକ୍ତି ବିଶେଷ ବିଭିନ୍ନ ପ୍ରକାର ପଦ୍ଧତି ପ୍ରଚଳନ କରୁଛନ୍ତି। ଏହି ପଦ୍ଧତି ଅନୁସରଣ କରି ଶହ ଶହ ପୃଷ୍ଠାର ବହିକୁ ବିଦ୍ୟାର୍ଥୀଟିଏ କମ୍ ସମୟ ମଧରେ ମନେ ରଖିପାରୁଛି। ଏହା ଦ୍ୱାରା ପିଲାମାନଙ୍କ ଲାଭ ମଧ ହେଉଛି କିନ୍ତୁ ଅତ୍ୟଧିକ ତଥ୍ୟର ବୋଝ ଦ୍ୱାରା ମସ୍ତିଷ୍କର ସ୍ୱାଭାବିକ ସୃଜନଶୀଳତା ଦବିଯାଉଛି।

ମୁଖସ୍ଥୀକରଣ ହେଉଛି ଶିକ୍ଷାର ଭିତ୍ତିଭୂମି। ଶିକ୍ଷାର ପ୍ରାଥମିକ ଅବସ୍ଥାରେ ସ୍ମରଣଶକ୍ତି ହେଉଛି ବିଦ୍ୟାର୍ଥୀର ଏକ ବଳିଷ୍ଠ ଆଧାର। ପିଲାର ମନ ସଫା କାଗଜ ପରି ହୋଇଥାଏ। ସେଥିରେ ଅତି ଶୀଘ୍ର ଅନେକ ତଥ୍ୟ ସଂଗ୍ରହ କରି ସାଇତି କରି ରଖିବାର ସ୍ୱାଭାବିକ କ୍ଷମତା ଥାଏ। ପିଲାମାନେ ଯେତେ ମନେ ରଖିବେ ସେତେ ଜିଜ୍ଞାସୁ ମଧ ହେବେ। ତେଣୁ ତାଙ୍କ ଭିତରେ ସୃଜନାତ୍ମକ ଶକ୍ତି ତଥା ବିଶ୍ଳେଷଣାତ୍ମକ ଶକ୍ତିକୁ ଉଜାଗର କରିବା ନିମନ୍ତେ ସେମାନଙ୍କୁ ପ୍ରଶ୍ନ ପଚାରିବା ନିମନ୍ତେ ଉତ୍ସାହିତ କରିବା ଉଚିତ। ନହେଲେ କହୁଥିବା ବାକ୍ୟର ଅର୍ଥ ଜାଣିନଥିବା ଘୋଷା ଶୁଆ ପରି ପିଲାମାନଙ୍କ ବୋଧଶକ୍ତିର ବିକାଶ ହେବନାହିଁ।

ଆଜିକାଲି ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଶ୍ଳେଷଣାତ୍ମକ ଉପସ୍ଥାପନା ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷା ବ୍ୟବସ୍ଥାରେ ତର୍କ, ବିଚାର, ଆଲୋଚନା ତଥା ବିଶ୍ଳେଷଣକୁ ଘୋଷାପାଠ ଅପେକ୍ଷା ଅଧିକ ଗୁରୁତ୍ୱଦେଲେ ଛାତ୍ରଛାତ୍ରୀମାନଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଉପଲବ୍ଧ ହେବ।

“

ସର୍ବେକ୍ଷଣରୁ ଜଣାପଡୁଛି ସ୍ୱାଧୀନତା ସମୟରେ ଭାରତବର୍ଷରେ ଯେତେସଂଖ୍ୟକ ହିନ୍ଦୁ ବାସ କରୁଥିଲେ ବର୍ତ୍ତମାନ ସେତେସଂଖ୍ୟକ ହିନ୍ଦୁ ନାହାନ୍ତି। ଏହି ୭୫ବର୍ଷ ମଧରେ ହିନ୍ଦୁମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ବଦଳରେ ହ୍ରାସ ପାଇଯାଇଛି। ସ୍ୱାଧୀନତା ସମୟରେ ପାକିସ୍ତାନରେ ଜନସଂଖ୍ୟାର ୧୩% ହିନ୍ଦୁ ଧର୍ମାବଲମ୍ବୀ ଥିଲେ। ତାହା ଏବେ ହ୍ରାସ ପାଇ ମାତ୍ର ୨.୧୪% ହିନ୍ଦୁ ଅଛନ୍ତି। ସେହିପରି ବାଂଲାଦେଶରେ ଜନସଂଖ୍ୟାର ୧୩.୫% ହିନ୍ଦୁ ଥିବା ସମୟରେ ବର୍ତମାନ ମାତ୍ର ୮.୫୪% ହିନ୍ଦୁ ଅଛନ୍ତି। ସବୁଠାରୁ ଉଦବେଗଜନକ ଅବସ୍ଥା ଭାରତରେ। ଏଠାରେ ସ୍ୱାଧୀନତା ସମୟରେ ୮୪.୧% ହିନ୍ଦୁ ଥିଲା ବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୭୯.୮%ରେ ରହିଯାଇଛି। ସମଗ୍ର ପୃଥିବୀ ପୃଷ୍ଠରେ ସର୍ବାଧିକ ହିନ୍ଦୁ ଧର୍ମାବଲମ୍ବୀ ଭାରତ ଉପମହାଦେଶରେ ବାସ କରନ୍ତି। ଯଦି ଭାରତ ଉପମହାଦେଶରୁ ହିନ୍ଦୁ ଧର୍ମାବଲମ୍ବୀ ଲୋପପାଇଯାଆନ୍ତି ତେବେ ଏହି ମାନବକଲ୍ୟାଣକାରୀ ଧର୍ମର ଅସ୍ତିତ୍ୱ ସମାପ୍ତ ହୋଇଯିବ।



# ହିନ୍ଦୁ ହ୍ରାସ ପାଇବାର କାରଣ

ଲକ୍ଷ୍ମୀକାନ୍ତ ପ୍ରଧାନ

ହିନ୍ଦୁ ସମାଜ ନିଜକୁ ଶକ୍ତିଶାଳୀ କରିବାକୁ ହେଲେ ନିଜ ମଧରେ ଥିବା କୁପ୍ରଥାକୁ ବିଲୋପ କରିବାକୁ ପଡ଼ିବ। ସବୁ ହିନ୍ଦୁ ଭାଇ ଭଉଣୀଙ୍କୁ ହାତରେ ହାତ ମିଶାଇବାକୁ ପଡ଼ିବ। ନିଜ ନିଜ ମଧରେ ଭାଇଚାରାର ବନ୍ଧନ ସୃଷ୍ଟି କରିବାକୁ ପଡ଼ିବ। ନିଜ ପରିବାରକୁ ସ୍ନେହଶ୍ରଦ୍ଧା ବନ୍ଧନରେ ବାନ୍ଧିବା ଛାଡ଼ି ଆମେ ଅନ୍ୟ ସମାଜ ମଧରେ ପ୍ରବେଶ କରିବା ଉଚିତ ନୁହେଁ।

ଏହା ଧ୍ରୁବସତ୍ୟ ଯେ, ହିନ୍ଦୁ ଧର୍ମ ପୃଥିବୀର ସର୍ବପୁରାତନ ଧର୍ମ। ଏହାର କୌଣସି ସଂସ୍ଥାପକ ନାହିଁ କିମ୍ବା କୌଣସି ପ୍ରଚାରକ ନାହାନ୍ତି। ଏହି ଧର୍ମକୁ ମାନୁଥିବା ଲୋକମାନେ ସାଇବେରିଆଠାରୁ ଆରମ୍ଭ କରି ବାଲିଦ୍ୱୀପ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡରେ ବାସ କରୁଥିଲେ। ସମଗ୍ର ବିଶ୍ୱର ମାନବସମାଜ, ପଶୁପକ୍ଷୀ, ବୃକ୍ଷଲତା ଓ ପର୍ଯ୍ୟାବରଣ ସୁରକ୍ଷା ପାଇଁ ଯାହା ଯାହା କରିବା ଆବଶ୍ୟକ ତାହା ହିନ୍ଦୁଧର୍ମର ଧର୍ମଗ୍ରନ୍ଥ ବେଦ, ରାମାୟଣ, ମହାଭାରତ, ଉପନିଷଦ, ଶ୍ରୀମଦ ଭଗବତ ଗୀତା ଇତ୍ୟାଦିରେ ନିର୍ଦ୍ଦେଶିତ ଅଛି। ଉକ୍ତ ନିୟମକୁ ମାନି ଚଳିଲେ ସମଗ୍ର ବିଶ୍ୱ ଯେ ଆନନ୍ଦମୟ ହେବ ଏଥିରେ ଦ୍ୱିରୁକ୍ତି ନାହିଁ। ଏହି ଧର୍ମର ମହାପୁରୁଷମାନେ ସର୍ବଦା ମାନବସମାଜ ମଧରେ ସ୍ନେହ, ଶ୍ରଦ୍ଧା, ପ୍ରେମ, ସହଯୋଗ, କର୍ତ୍ତବ୍ୟ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥାନ୍ତି। କାହା ମଧରେ ବିଦ୍ୱେଷ ସୃଷ୍ଟି କରିବା ଏହି ଧର୍ମର ମୂଳତ୍ତ୍ୱରେ ନାହିଁ। ସେଥିପାଇଁ ତ ହିନ୍ଦୁଧର୍ମରେ ପଶୁପକ୍ଷୀ, ବୃକ୍ଷଲତା, ଧରିତ୍ରୀମାତ୍ରା ପୂଜା ଇତ୍ୟାଦି ଇତ୍ୟାଦିରେ ଗୁରୁତ୍ୱ ଦେଇଥାନ୍ତି। ମାନବ କଲ୍ୟାଣରୂପୀ କ୍ରିୟାଯୋଗ, ଅର୍ଥଶାସ୍ତ୍ର, ଆର୍ଯ୍ୟୁବେଦ, ଶଲ୍ୟଚିକିତ୍ସା,




ଶ୍ରୀମଦ ଭଗବତ ଗୀତା, ସଂସ୍କାର ଇତ୍ୟାଦି ହିନ୍ଦୁଧର୍ମରୁ ପ୍ରାପ୍ତ ହୋଇଛି। ହିନ୍ଦୁ ଧର୍ମ ଗଣିତଶାସ୍ତ୍ରକୁ ଶୂନ୍ୟ ପ୍ରଦାନ କରିଛି। ତେଣୁ ଏପରି ଏକ ବିଶ୍ୱକଲ୍ୟାଣୀ ଧର୍ମର ଲୋକସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ରୂପେ ଉଦବେଗଜନକ।

ସର୍ବେକ୍ଷଣରୁ ଜଣାପଡୁଛି ସ୍ୱାଧୀନତା ସମୟରେ ଭାରତବର୍ଷରେ ଯେତେସଂଖ୍ୟକ ହିନ୍ଦୁ ବାସ କରୁଥିଲେ ବର୍ତ୍ତମାନ ସେତେସଂଖ୍ୟକ ହିନ୍ଦୁ ନାହାନ୍ତି। ଏହି ୭୫ବର୍ଷ ମଧରେ ହିନ୍ଦୁମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ବଦଳରେ ହ୍ରାସ ପାଇଯାଇଛି। ଉକ୍ତ ସର୍ବେକ୍ଷଣ ଅନୁସାରେ ସ୍ୱାଧୀନତା ସମୟରେ ପାକିସ୍ତାନରେ ଜନସଂଖ୍ୟାର ୧୩% ହିନ୍ଦୁ ଧର୍ମାବଲମ୍ବୀ ଥିଲେ। ତାହା ଏବେ ହ୍ରାସ ପାଇ ମାତ୍ର ୨.୧୪% ହିନ୍ଦୁ ଅଛନ୍ତି। ସେହିପରି ବାଂଲାଦେଶରେ ଜନସଂଖ୍ୟାର ୧୩.୫% ହିନ୍ଦୁ ଥିବା ସମୟରେ ବର୍ତମାନ ମାତ୍ର ୮.୫୪% ହିନ୍ଦୁ ଅଛନ୍ତି। ସବୁଠାରୁ ଉଦବେଗଜନକ ଅବସ୍ଥା ଭାରତରେ। ଏଠାରେ ସ୍ୱାଧୀନତା ସମୟରେ ୮୪.୧% ହିନ୍ଦୁ ଥିଲା ବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୭୯.୮%ରେ ରହିଯାଇଛି। ସମଗ୍ର ପୃଥିବୀ ପୃଷ୍ଠରେ ସର୍ବାଧିକ ହିନ୍ଦୁ ଧର୍ମାବଲମ୍ବୀ ଭାରତ ଉପମହାଦେଶରେ ବାସ କରନ୍ତି। ଯଦି ଭାରତ ଉପମହାଦେଶରୁ ହିନ୍ଦୁ ଧର୍ମାବଲମ୍ବୀ ଲୋପପାଇଯାଆନ୍ତି ତେବେ ଏହି ମାନବକଲ୍ୟାଣକାରୀ ଧର୍ମର ଅସ୍ତିତ୍ୱ ସମାପ୍ତ ହୋଇଯିବ।

ବର୍ତ୍ତମାନ ବିଚାର କରିବା ଅନ୍ୟଧର୍ମର ଜନସଂଖ୍ୟା ବୃଦ୍ଧି ହେଉଥିବା ସମୟରେ ହିନ୍ଦୁ ଜନସଂଖ୍ୟା ହ୍ରାସ କାହିଁକି ପାଉଛି। ଏହାର ପ୍ରଥମ କାରଣ ହେଲା କୌଣସି ଦେଶ ଉକ୍ତ ମାନବକଲ୍ୟାଣକାରୀ ଧର୍ମକୁ ରାଜଧର୍ମ ରୂପେ ଗ୍ରହଣ କରିନାହାନ୍ତି। ଏହି ଧର୍ମକୁ ସରକାରୀ ସ୍ତରରେ କୌଣସି ଦେଶ ସଂରକ୍ଷଣ ଦେଉନାହାନ୍ତି। ସମଗ୍ର ବିଶ୍ୱରେ ୫୬ରୁ ଅଧିକ ଦେଶରେ ମୁସଲିମ ସଂଖ୍ୟା ଗରିଷ୍ଠ ଥିଲାବେଳେ ୨୬ଟି ଦେଶ ଇସଲାମକୁ ରାଜଧର୍ମ ରୂପେ ଗ୍ରହଣ କରିଛନ୍ତି। ସେହିପରି ୨୧ଟି ଦେଶ ଖ୍ରୀଷ୍ଟିଆନ ଧର୍ମକୁ ରାଜଧର୍ମ ରୂପେ ଗ୍ରହଣ କରିଛନ୍ତି।

ଦ୍ୱିତୀୟ କାରଣ ରୂପେ ଆମେ ନିଶ୍ଚିତ ରୂପେ ଧର୍ମାନ୍ତରଣକୁ ଗ୍ରହଣ କରିବା। ସମଗ୍ର ବିଶ୍ୱରେ ସର୍ବାଧିକ ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ଅନ୍ୟ ଧର୍ମରେ ଧର୍ମାନ୍ତରଣ କରାଯାଉଛି। ଉକ୍ତ ଧର୍ମାନ୍ତରଣ କାର୍ଯ୍ୟକ୍ରମକୁ ବିଶ୍ୱବ୍ୟାପି ବନ୍ଦ କରାଯିବା ଉଚିତ। ନଚେତ ଖୁବ ଅଳ୍ପ ସମୟ ମଧରେ ଏହି ମାନବକଲ୍ୟାଣକାରୀ ଧର୍ମର ଅସ୍ତିତ୍ୱ ଲୋପ ପାଇଯିବ। ଏହି ଧର୍ମାନ୍ତରଣ ପଛରେ ଅର୍ଥ ଓ ବଳ ପ୍ରୟୋଗ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି।

ତୃତୀୟ କାରଣ ହେଉଛି ହିନ୍ଦୁମାନଙ୍କ ମଧରେ ଏକତାର ଅଭାବ। ହିନ୍ଦୁମାନଙ୍କର ତେତିଶ କୋଟି ଦେବତା ଥିଲେ ମଧ ସେମାନେ ଏକେଶ୍ୱର ବାଦରେ ବିଶ୍ୱାସ କରନ୍ତି। ଭଗବାନଙ୍କୁ ବିଭିନ୍ନ ଅବତାରରେ ସେମାନେ ପୂଜା କରନ୍ତି। ତଥାପି ସେମାନେ ପରସ୍ପରକୁ ବିଭିନ୍ନ ଗୋଷ୍ଠୀରେ ବାଣ୍ଟି ଦେଇଛନ୍ତି। ସେମାନଙ୍କ ମଧରେ ବୈଷ୍ଣବ, ଆୟାପା ଭକ୍ତ, ଜଗନ୍ନାଥ ବିଶ୍ୱାସୀ, ଶ୍ରୀରାମଭକ୍ତ, ସ୍ୱାମୀ ନାରାୟଣ ସଂସ୍ଥା, ଇସକନ ସଂଗଠନ, ଶୈବଭକ୍ତ, ସାଇଭକ୍ତ, ଆର୍ଯ୍ୟସମାଜ, ମାତା ବୈଷ୍ଣୋଦେବୀ ଭକ୍ତ ମଣ୍ଡଳୀ ଇତ୍ୟାଦି ଗୋଷ୍ଠୀ ଅନ୍ୟତମ। ଉକ୍ତ ହିନ୍ଦୁ ଗୋଷ୍ଠୀ ବ୍ୟତୀତ ଅନ୍ୟ କେତୋଟି ଧର୍ମ, ଯେଉଁ ଧର୍ମ ହିନ୍ଦୁ ଧର୍ମରୁ ବିଭକ୍ତ ହୋଇ ଅନ୍ୟ ଧର୍ମ ରୂପେ ମାନ୍ୟତା ପ୍ରାପ୍ତ କରିଛନ୍ତି ସେମାନେ ମଧ ହିନ୍ଦୁମାନଙ୍କ ସହ ଏକଜୁଟ୍ ହେବା ଆବଶ୍ୟକ। ସେହି ଧର୍ମଗୁଡ଼ିକ ହେଲା ଶିଖ, ବୌଦ୍ଧ ଓ ଜୈନ। ଏହି ସମସ୍ତ ଧର୍ମ ସନାତନ ହିନ୍ଦୁଧର୍ମର ଅଂଶବିଶେଷ। ତେଣୁ ସମସ୍ତ ସନାତନୀ ହିନ୍ଦୁମାନଙ୍କୁ ଏକଜୁଟ୍ ହେବାର ଆବଶ୍ୟକତା ଅଛି। ଯଦି ସମସ୍ତେ ଏକଜୁଟ୍ ହୋଇପାରନ୍ତେ ତେବେ ସନାତନ ହିନ୍ଦୁର ହ୍ରାସ ପାଇବା ବନ୍ଦ ହୋଇପାରନ୍ତା।

ଚତୁର୍ଥ କାରଣ ହେଲା ହିନ୍ଦୁମାନଙ୍କ ମଧରେ ଥିବା ଜାତିପ୍ରଥା। ଏହି ଜାତିପ୍ରଥା ହିଁ ଭାରତରେ ହିନ୍ଦୁମାନଙ୍କ ହ୍ରାସ ପାଇବାର ଏକ ମୁଖ୍ୟ କାରଣ। ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟମାନେ ନିଜକୁ ଉଚ୍ଚଜାତି ବିବେଚନା କରି ଶୁଦ୍ର ଜାତିର ଲୋକମାନଙ୍କ ସହ ମିଳାମିଶା, ଖାଇବା ପିଇବା, ବାହାବ୍ରତ ଇତ୍ୟାଦି ଇତ୍ୟାଦି କରନ୍ତି ନାହିଁ। ଏପରିକି ସେମାନଙ୍କୁ ନିଜ ଗୃହରେ ପ୍ରବେଶ କରିବାର ଅଧିକାର ମଧ ଦିଅନ୍ତି ନାହିଁ। ଶୁଦ୍ର ହିନ୍ଦୁମାନଙ୍କୁ ସବୁସ୍ଥାନରେ ବାଛନ୍ଦ କରି ରଖିଥାଆନ୍ତି। ମନ୍ଦିର ପ୍ରବେଶ ତ ଶୁଦ୍ରମାନଙ୍କ ପାଇଁ ନିଷେଧ। ଯାହାଦ୍ୱାରା ଶୁଦ୍ର ହିନ୍ଦୁ ମାନେ ନିଜକୁ ଅବହେଳିତ ଭାବି ଅନ୍ୟ ଧର୍ମର ଲୋକମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇଯାଆନ୍ତି। ସେମାନେ ହିନ୍ଦୁଧର୍ମ ତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରିବାକୁ ପଶ୍ଚାତପଦ ହେଉନାହାନ୍ତି। ତେଣୁ ହିନ୍ଦୁ ଧର୍ମଗୁରୁ, ହିନ୍ଦୁସଂଗଠନ, ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟ ଗୋଷ୍ଠୀବୃନ୍ଦ ଯଦି ଶୁଦ୍ର ହିନ୍ଦୁମାନଙ୍କୁ ଆପଣାଇ ନିଅନ୍ତେ ତେବେ ଧର୍ମାନ୍ତରଣ ବହୁମାତ୍ରାରେ ବନ୍ଦ ଯାଆନ୍ତା। ସର୍ବପ୍ରଥମେ ଶୁଦ୍ର ହିନ୍ଦୁମାନଙ୍କୁ ମନ୍ଦିର ଓ ଗୃହ ପ୍ରବେଶ ଅନୁମତି ପ୍ରଦାନ କରି ସେମାନଙ୍କର ବିଶ୍ୱାସଭାଜନ ହେବା ଦରକାର। ସେହିପରି ବନବାସୀ ଆଦିବାସୀମାନେ ମଧ ହିନ୍ଦୁଧର୍ମର ଅଭିନ୍ନ ଅଙ୍ଗ। ପ୍ରଭୁ ଜଗନ୍ନାଥଙ୍କୁ ପାହାଡ଼ଗୁମ୍ଫାରେ ଜଣେ ଆଦିବାସୀ ହିଁ ପୂଜାଅର୍ଚ୍ଚନା କରୁଥିଲା। ତେଣୁ ଏହି ଆଦିବାସୀମାନଙ୍କୁ ମଧ ଆପଣାଇବା ଉଚିତ। ଯଦି ସବୁ ହିନ୍ଦୁ ସଂଗଠନ ଉକ୍ତ କାର୍ଯ୍ୟରେ ମନନିବେଶ କରନ୍ତେ ତେବେ ନିଶ୍ଚିତ ରୂପରେ ହିନ୍ଦୁମାନେ ଏକଜୁଟ୍ ହୋଇପାରନ୍ତେ।

ଉକ୍ତ କେତୋଟି ପ୍ରମୁଖ କାରଣ ଯୋଗୁ ସର୍ବ ପୁରାତନ ମାନବକାହାଣୀ ହିନ୍ଦୁଧର୍ମ ହ୍ରାସ ପାଇବାକୁ ଲାଗିଛି। ଯଦନ୍ଧି ଉକ୍ତ ପ୍ରମୁଖ କାରଣ ଗୁଡ଼ିକୁ ତର୍ଜମା କରି ପ୍ରତିକାର କରାନଗଲେ, ଧରାପୃଷ୍ଠରୁ ଦିନେ ହିନ୍ଦୁ ଧର୍ମର ଅସ୍ତିତ୍ୱ ଲୋପପାଇଯିବ, ଏଥିରେ ଦ୍ୱିରୁକ୍ତି ନାହିଁ।

## ବିଦେଶରେ ଥିଲେ ବି ସରକାରୀ କାମ ଜାରି ରଖିଛନ୍ତି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ରୋମ ଗସ୍ତରେ ଥିଲେ ବି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ନିତିଦିନିଆ ଜରୁରୀ ସରକାରୀ କାମ ଜାରି ରଖିଛନ୍ତି । ଓଡ଼ିଶା ସରକାରଙ୍କ ଡିଜିଟାଲ ୱାର୍କ ପ୍ଲାଟଫର୍ମ ଓସ୍ୱାସ୍ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଖୋଦ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏକ ଟୁଇଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ଏଠାରେ (ରୋମରେ) ଥିବା କେତେକ କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ, କିଛି ଜରୁରୀ ସରକାରୀ କାମ ଶେଷକରୁଛି । ଏଥିପାଇଁ ଆମର ଡିଜିଟାଲ ୱାର୍କ ପ୍ଲାଟଫର୍ମ ଓସ୍ୱାସକୁ ଧନ୍ୟବାଦ ହେବି । ପ୍ରକୃତରେ ଟେକନଲୋଜୀ ହେଉଛି ଆମ ଭବିଷ୍ୟତ।

ସୂଚ଼ନାଯୋଗ୍ୟ ଯେ ଓସ୍ୱାସ ବା ଓଡ଼ିଶା ସେକ୍ରେଟାରିଏଟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ ବା ଓଡ଼ିଶା ସଚ଼ିବାଳୟ କାର୍ଯ୍ୟପ୍ରବାହ ସ୍ୱୟଂଚ଼ଳନ ବ୍ୟବସ୍ଥା ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନିଜସ୍ୱ ଇ-ପ୍ରଶାସନ ବ୍ୟବସ୍ଥା । ଓସ୍ୱାସର ଉଦ୍ଦେଶ୍ୟ ହେଉଛି ସରକାରୀ କାର୍ଯ୍ୟପଦ୍ଧତିକୁ ଦକ୍ଷ ଓ ପ୍ରଭାବୀ କରାଇବା, କର୍ମଚ଼ାରୀମାନଙ୍କ ଉତ୍ପାଦିକା ଶକ୍ତିରେ ଅଭିବୃଦ୍ଧି ଘଟାଇବା, ତଥ୍ୟର ଦକ୍ଷ ପରିଚ଼ାଳନା, ଉତ୍ତମ ଯୋଗାଯୋଗ ତଥା ସମନ୍ୱୟ ସ୍ଥାପନ ଏବଂ ଜ୍ଞାନ ପରିଚ଼ାଳିତ ଶାସନ ବ୍ୟବସ୍ଥା ଦିଗରେ ଅଗ୍ରଗତି । ଓଡ଼ିଶା ସରକାରଙ୍କ ଏହି ବ୍ୟବସ୍ଥାକୁ କେନ୍ଦ୍ର ସରକାର ଓ ଅନ୍ୟ ରାଜ୍ୟମାନେ ପ୍ରଶଂସା କରିଛନ୍ତି ।

## ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

ବାଲେଶ୍ୱର: ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ସୂଚ଼ନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ। ବାଲେଶ୍ୱରରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି, ଏବେ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ସରିଥିବା ବେଳେ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ ଚ଼ାଲିଛି। ନିର୍ଭୁଲ ପରୀକ୍ଷାଫଳ ପ୍ରକାଶ ପାଇଁ ଉଦ୍ୟମ ଜାରି ରହିଛି। ଖୁବ୍ ଶୀଘ୍ର ପରୀକ୍ଷାଫଳ ପ୍ରକାଶ ପାଇବାର ତାରିଖ ଘୋଷଣା ହେବବ ବୋଲି ସେ କହିଛନ୍ତି।

ସୂଚ଼ନାଯୋଗ୍ୟ ଯେ କରୋନା ମହାମାରୀ ଯୋଗୁଁ ୨ବର୍ଷ ପରେ ଏଥର ଅଫଲାଇନରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଚ଼ଳିତ ବର୍ଷ ୩, ୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏପ୍ରିଲ ୨୯ରୁ ମେ ୭ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚ଼ାଲିଥିଲା। ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ମେ' ୨୧ରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରେଗୁଲାର ପରୀକ୍ଷା ସହିତ ଏସ୍ଓସ୍ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହୋଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା। ଖାତା ଦେଖା ପାଇଁ ୪୮୧ ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପ ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ଏଥିରେ ନିୟୋଜିତ ହୋଇଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ୯ ମାସରେ କାମ ସାରିବାକୁ ନିର୍ଦ୍ଦେଶ



ପୁରୀ : ନଅ ମାସ ଭିତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଶେଷ କର। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ ସହ ସମୀକ୍ଷା ପରେ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚ଼ିବ ସୁରେଶ ଚ଼ନ୍ଦ୍ର ମହାପାତ୍ର। ଶ୍ରୀ ମହାପାତ୍ର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଯନ୍ତ୍ରୀଙ୍କ ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚ଼ନା କରିଥିଲେ। ଏହି ପ୍ରକଳ୍ପର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଆସନ୍ତା ୯ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ ରୂପ ଦେବାକୁ କାର୍ଯ୍ୟ ନିର୍ବାହୀ ସଂସ୍ଥା ଓବିସିସିକୁ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ଚ଼ତୁପାର୍ଶ୍ୱରେ ଭକ୍ତ ଓ ସେବାୟତମାନଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଆରମ୍ଭ ହୋଇଛି। ଏଥିରେ ଭିତର ପରିକ୍ରମା ପଥ, ସବୁଜ ବଳୟ, ବାହାର ପରିକ୍ରମା ପଥ, ସାଧାରଣ ସୁବିଧାକୁ ନେଇ ବିଭିନ୍ନ ଜୋନ୍ ରହିବ। ଭିତର ପରିକ୍ରମା ପଥ ପାରମ୍ପରିକ ରୀତିନୀତି, ଦେବାଦେବୀଙ୍କ ଶୋଭାଯାତ୍ରା ଓ ଭକ୍ତମାନଙ୍କ ମନ୍ଦିର ପରିକ୍ରମା ପାଇଁ ବ୍ୟବହାର ହେବ। ସବୁଜ ବଳୟରେ ବୃକ୍ଷ, ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ପଥର କଳାକୃତି, ପୁଷ୍ପ, ବୃକ୍ଷ ଆଦି ସ୍ଥାନିତ ହେବ। ମନ୍ଦିରର ତିନି ପାର୍ଶ୍ୱରୁ ସଂଯୋଗୀକରଣ ରାସ୍ତା, ୬ଟି ଶୌଚ଼ାଳୟ, ୩ଟି ବିଶ୍ରାମ ସ୍ଥାନ, କ୍ଲୋକ୍ ରୁମ ଆଦି କାମ ଆଗେଇ ଚ଼ାଲିଛି। ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୩୧.୨୮ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି।

# ଓଡିଶାର ଅଭିଜ୍ଞତାକୁ ମିଳିବ ବିଶ୍ୱସ୍ତରୀୟ ପ୍ଲାଟଫର୍ମ




ଭୁବନେଶ୍ୱର : ବିଦେଶ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମ୍‌ରେ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫ୍‌ପି)ର ମୁଖ୍ୟାଳୟରେ ଖାଦ୍ୟ ନିରପତ୍ତା କ୍ଷେତ୍ରରେ ଓଡିଶା ସଫଳତାକୁ ବଖାଣିଛନ୍ତି। ଡବ୍ଲୁଏଫ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଡେଭିଡ୍ ବିସଲେ ଓ ତାଙ୍କ ଟିମ୍ ଆଗରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜୀବନଜୀବିକା ଓ ଖାଦ୍ୟ ନିରାପତ୍ତାର ସୁଦୃଢ଼ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯାଇଛି ତାହାର ସୂଚ଼ନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ଦୁଇ ଦଶନ୍ଧିରେ ଓଡିଶା ଖାଦ୍ୟ ଉତ୍ପାଦନ, ନିରାପତ୍ତା, ଜୀବନ ଜୀବିକା, ବିପର୍ଯ୍ୟୟ ପରିଚ଼ାଳନା ଆଦି କ୍ଷେତ୍ରରେ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ଓଡିଶା ଖାଦ୍ୟରେ ବଳକା ରାଜ୍ୟ ହେବା ସହିତ ଜଳବାୟୁ ଅନୁକୂଳ ଜୀବନଜୀବିକା ଓ ପୁଷ୍ଟିକର ଖାଦ୍ୟର ସୃଷ୍ଟି ପାଇଁ ବୃହତ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛି। ଅନ୍ୟମାନଙ୍କ ସହଭାଗିତାରେ ଓଡିଶା ନିରନ୍ତର ବିକାଶ ଲକ୍ଷ୍ୟ ଓ ସାମୂହିକ ବିକାଶ ଦିଗରେ ଅଗ୍ରଗତି କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଡବ୍ଲୁଏଫ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଡେଭିଡ ବିସଲେ କହିଥିଲେ ଯେ ଭାରତରେ ଡବ୍ଲୁଏଫ୍‌ପିର ମିଳିତ ସହଯୋଗରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓଡିଶାର ଜୀବିନ ଜୀବିକା ଓ ଖାଦ୍ୟ ନିରାପତ୍ତା ଦିଗରେ ବେଶ୍ ଫଳପ୍ରଦ ହୋଇଛି। ବିଶେଷକରି ମହିଳାଙ୍କ ପାଇଁ ନୂଆ ଅର୍ଥନୈତିକ ସୁଯୋଗ ସହିତ ସାମୂହିକ ବିକାଶ ଦିଗରେ ଏହା ସହାୟକ ହୋଇପାରିଛି। କ୍ଷୁଧାମୁକ୍ତ ଲକ୍ଷ୍ୟ ହାସଲ ଓ ମିଳିତ ଜାତିସଂଘର ନିରନ୍ତର ବିକାଶ ଦିଗରେ ଓଡିଶାର ଅଗ୍ରଗତି ବେଶ୍ ଉତ୍ସାହଜନକ। ବିପର୍ଯ୍ୟୟ ପରିଚ଼ାଳନା, ଖାଦ୍ୟ ଉତ୍ପାଦନ ଓ ନିରାପତ୍ତା ଆଦି କ୍ଷେତ୍ରରେ ଓଡିଶାର ପଦକ୍ଷେପ ପ୍ରଶଂସନୀୟ। ଏହି ଅଭିଜ୍ଞତାକୁ ମିଳିତ ଭାବେ ଆଗକୁ ନେବା ଓ ଏକ ବିଶ୍ୱସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ ଯୋଗାଇବା ପାଇଁ ଡବ୍ଲୁଏଫ୍‌ପି ଓ ଓଡିଶା ମିଳିତଭାବେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡବ୍ଲୁଏଫ୍‌ପିର ଏହି ସହଭାଗିତାକୁ ପ୍ରଶଂସା କରିଥିଲେ। ଡବ୍ଲୁଏଫ୍‌ପିର ସହକାରୀ ନିର୍ବାହୀ ନିର୍ଦ୍ଦେଶକ ଭେଲାରି ଏନ୍.ଗୁଆର୍ନରି, ମନୋଜ ଜୁନେଜା, ବିଶ୍ୱ ପାରାଜୁଲି ଓ ଡବ୍ଲୁଏଫ୍‌ପିର ଓଡିଶା ମୁଖ୍ୟ ହିମାଂଶୁ ବଳ, ୫-ଟି ସଚ଼ିବ ଭି.କେ ପାଣ୍ଡିଆନ୍, ଯୋଗାଣ ବିଭାଗର ପ୍ରମୁଖ ସଚ଼ିବ ଭି.ଭି ଯାଦବ, ଆବାସିକ କମିସନର ରବିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଯେ ୨୦୨୧ ମସିହାରେ ରାଜ୍ୟ ସରକାର ଓ ଡବ୍ଲୁଏଫ୍‌ପି ଭିତରେ ୪ଟି ସହଭାଗିତା ଚୁକ୍ତି ଓ ୬ଟି ନୂଆ ପ୍ରକଳ୍ପ ପାଇଁ ପଦକ୍ଷେପ ନିଆଯାଇଛି। ସେମାନଙ୍କ ମଧ୍ୟରେ ର?ହିଛି ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଧାନ କିଣା, ଦି ଗ୍ରେନ୍ ଏଟିଏମ୍ ଓ ସ୍ମାର୍ଟ ମୋବାଇଲ ଷ୍ଟୋରେଜ୍ ୟୁନିଟ୍, ଓଡିଶା ମିଲେଟ୍ ମିସନ୍ ସହଭାଗିତାରେ ଖାଦ୍ୟ ଓ ପୋଷଣ ସୁରକ୍ଷା ଉପରେ ପ୍ରମାଣଭିତ୍ତିକ ବ୍ୟବହାର, ମିସନ ଶକ୍ତି କାର୍ଯ୍ୟକ୍ରମର ସହଭାଗିତାରେ ମତ୍ସ୍ୟଚ଼ାଷ ଓ ପଶୁ ସଂପଦର ବିକାଶ ଭଳି କାର୍ଯ୍ୟକ୍ରମ।

# ଶେଷଙ୍କ କଥାରେ ଭାବବିହ୍ୱଳ ହେଲେ ମୁଖ୍ୟମନ୍ତ୍ରୀ



ସମ୍ବଲପୁର: ୨୦୧୮ରେ ମୁଁ ଯେବେ ଭୁବନେଶ୍ୱରରେ ଆପଣଙ୍କୁ ଭେଟିବାକୁ ଯାଇଥିଲି ସେତେବେଳେ ହଳେ ଶସ୍ତା ପେଣ୍ଟସାର୍ଟ, ବାଥ୍‌ରୁମ୍ ସ୍ଲିପର୍ ଚ଼ପଲ୍ ପିନ୍ଧିଥିଲି ଓ ଗୋଟିଏ ଛୋଟ ନୋକିଆ ଫୋନ୍ ଧରିଥିଲି। ଆପଣ ସେତେବେଳେ ମୋତେ ଏହି ଆଇ-ଫୋନ୍‌ଟି ଉପହାର ଦେଇଥିଲେ। ପିତାମାତାଙ୍କୁ ହରାଇଥିବା ଜଣେ ଅନାଥ ଯୁବକକୁ ସହାୟ ହୋଇ ସେତେବେଳେ ଆପଣ ମୋର ପାଠପଢ଼ାର ସବୁ ଖର୍ଚ୍ଚ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆପଣ ପିତାମାତାଙ୍କ ଅଭାବ ଅନୁଭୂତ ହେବାକୁ ଦେଲେ ନାହିଁ ବୋଲି ଆଜି ମୁଁ ଏଠି ପହଞ୍ଚି ପାରିଛି। ଆପଣଙ୍କ ଆଶୀର୍ବାଦରୁ ମାତ୍ର ସାଢ଼େ ତିନି ବର୍ଷରେ ମୋର ପିଏଚ୍‌ଡି ଶେଷ କରିଛି। ୨ ବର୍ଷର ଔଦ୍ୟୋଗିକ ଅଭିଜ୍ଞତା ଲାଭ କରିବା ପରେ ମୁଁ ମୋ' ରାଜ୍ୟକୁ ଫେରିଯିବି। ସେଠାରେ ଏକ ଫାର୍ମା ଇଣ୍ଡଷ୍ଟ୍ରି ଖୋଲିବା ସହ ଓଡିଶାକୁ ଏକ ଇଣ୍ଡଷ୍ଟ୍ରିଆଲ୍ ହବ୍‌ରେ ପରିଣତ କରିବି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଛନ୍ତି ସମ୍ବଲପୁର ଜିଲ୍ଲା ଉପାନ୍ତ ନାକଟିଦେଉଳ ବ୍ଲକ୍‌ରୁ ଜର୍ମାନୀ ଯାଇ ଅଧ୍ୟୟନ କରୁଥିବା ଯୁବ ବୈଜ୍ଞାନିକ ଶେଷଦେବ କିସାନ। ଶେଷଙ୍କ କଥା ଶୁଣି ଭାବବିହ୍ୱଳ ହୋଇ ପଡିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ବାରମ୍ବାର ଆଖିରୁ ଲୁହ ପୋଛୁଥିବା ଦେଖିବାକୁ ମିଳିଥିଲା। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଜଙ୍ଗଲ ଘେରା ବଲାସିଂହା ଗାଁର ପିତୃମାତୃହୀନ ଆଦିବାସୀ ଯୁବକ ଶେଷଦେବ କିସାନ ଦାରିଦ୍ର୍ୟର ତାଡନାକୁ ପଛରେ ପକାଇ ନିଜ ଅସାଧାରଣ ମେଧା ବଳରେ ଯେବେ ଜର୍ମାନିରେ ଗବେଷଣା କରିବାକୁ ଯୋଗ୍ୟତା ଅର୍ଜନ କରିଥିଲେ ସେତେବେଳେ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଓଡିଶା ସରକାର। ସେଠାରେ ଶେଷ ନିଜ ପିଏଚ୍‌ଡି ଶେଷ କରିଛନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ଇଟାଲି ଗସ୍ତ ଅବସରରେ ରୋମ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୟୁରୋପ୍‌ରେ ରହୁଥିବା ବିଶିଷ୍ଟ ଓଡିଆ ବ୍ୟକ୍ତିମାନଙ୍କୁ ତାଙ୍କ ସହ ସାକ୍ଷାତ ପାଇଁ ଡକା ଯାଇଥିଲା। ଏଥିରେ ସାମିଲ ଥିଲେ ଶେଷଦେବ। ଶେଷଙ୍କୁ ପ୍ରଥମେ ଦେଖିବା ପରେ ୫ଟି ସଚ଼ିବ ଭିକେ ପାଣ୍ଡିଆନ୍ ଚ଼ିହ୍ନିବା ସହ ବେଶ ଆନନ୍ଦ ପ୍ରକାଶ କରିଥିଲେ। ସେ ଶେଷଙ୍କ ସୁବିଧାଅସୁବିଧା, ଭଲମନ୍ଦ ପଚ଼ାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ ଆସିବା ପରେ ଜଣଜଣ କରି ସମସ୍ତଙ୍କୁ ତାଙ୍କ ଆଗରେ କିଛି କିଛି କହିବାର ସୁଯୋଗ ମିଳିଥିଲା। ଶେଷ କହିଥିଲେ ମୁଁ ମୋ ପିତାମାତା ଓ ୨ ବର୍ଷ ତଳେ ନିଜ ବଡ ଭଉଣୀକୁ ହରାଇ ସଂପୂର୍ଣ୍ଣ ଏକା ହୋଇ ଯାଇଥିଲି। ଦାରିଦ୍ର୍ୟର ତାଡନା କଣ ମୁଁ ପିଲାବେଳୁ ଦେଖି ଆସିଥିଲି। କିନ୍ତୁ ମୁଁ ଯେବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲି ମୋତେ ଏକପ୍ରକାର ନୂଆ ଜୀବନ ମିଳିଲା। ଆଜି ମୁଁ ଯାହା କିଛି ବି ହୋଇପାରିଛି ମୁଖ୍ୟମନ୍ତ୍ରୀ ଓ ଓଡିଶାବାସୀଙ୍କ ପାଇଁ। ତେଣୁ ମୁଁ ବିଦେଶରେ ନରହି ଓଡିଶା ଫେରିଯିବି ଓ ରାଜ୍ୟବାସୀଙ୍କ ଋଣ ଶୁଝିବି ବୋଲି କହି ଶେଷ ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରି ଦେଇଥିଲେ।

## ଶ୍ରୀଗୁଣ୍ଡିଚା ଯାତ୍ରାରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରିବା ପାଇଁ ଧର୍ମେନ୍ଦ୍ରଙ୍କ ପରାମର୍ଶ

ଭୁବନେଶ୍ୱର: ପବିତ୍ର ରଥଯାତ୍ରା ସମୟରେ ଶ୍ରୀକ୍ଷେତ୍ର ପୁରୀରେ ପ୍ଲାଷ୍ଟିକ ସମସ୍ୟା ଏକ ବଡ ଆହ୍ୱାନ ତିଆରି କରେ । ତେଣୁ ଏହି ପ୍ଲାଷ୍ଟିକ୍ ସମସ୍ୟାର ନିରାକରଣ ପାଇଁ ଚ଼ଳିତ ରଥଯାତ୍ରାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ସହ ରି-ସାଇକେଲିଂ ପାଇଁ ସାମାଜିକ ସଂଗଠନ ଓ ଜନସାଧାରଣଙ୍କୁ ଏକ ଭିଡିଓ ବାର୍ତା ମାଧ୍ୟମରେ ଅପିଲ୍ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ରଥଯାତ୍ରାରୁ ଶ୍ରୀଗୁଣ୍ଡିଚ଼ା ଯାତ୍ରା ପର୍ଯ୍ୟନ୍ତ ପୁରୀରେ ପ୍ଲାଷ୍ଟିକ ହ୍ରାସ କରିବା ପାଇଁ ଏହାକୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଭିଡିଓ ବାର୍ତାରେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରାର ବିଧି ବିଧାନ ଆରମ୍ଭ ହୋଇସାରିଛି। ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା ବଡ ଦେଉଳର ରତ୍ନ ସିଂହାସନକୁ ଛାଡି ବଡଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେବେ । ଏହି ଅନନ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାରେ ଯୋଡି ହେବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହେବ। ରଥ ଭିଡିବା ପାଇଁ ବଡଦାଣ୍ଡ ଜନସମୁଦ୍ରରେ ପରିଣତ ହେବ । ବିଶେଷ ଭାବରେ ରଥଯାତ୍ରା ସମୟରେ ଲୋକମାନଙ୍କ ଦ୍ୱାରା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ବଢ଼ିଥାଏ । ଲୋକମାନେ ବ୍ୟବହୃତ ଭୋଗ ଓ ଫୁଲ ପାଇଁ ପଲିଥିନ, ପାଣି ବୋତଲ, ପାଣି ଗ୍ଲାସ ତଥା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ନେବା ପାଇଁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର କରନ୍ତି । ଏହାର ନକରାତ୍ମକ ପ୍ରଭାବ ପରିବେଶ, ଜଳାଶୟ, ଜୀବଜନ୍ତୁଙ୍କ ଉପରେ ପଡେ । ଆଜିର ସମୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଏକ ବଡ ସମସ୍ୟା ଭାବରେ ଆମ ସାମ୍ନାରେ ଠିଆ ହୋଇଛି । ଏବେ ଦେଶରେ ସମ୍ପୂର୍ଣ୍ଣ ଭାବରେ ବନ୍ଦ ନ ହେଲେ ବି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବନ୍ଦ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଉଛି । ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ସହ ଏହାର ରିୟୁଜ୍ ଏବଂ ରି-ସାଇକେଲ ପାଇଁ ପଦ୍ଧତି ତିଆରି କରିବାକୁ ପଡିବ। ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ଆମ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ମହାପ୍ରଭୁଙ୍କ ପ୍ରତି ଆମ ମନରେ ଥିବା ସମର୍ପଣ, ଭକ୍ତି ଭାବ ଓ ନିଷ୍ଠାର ବ୍ୟବହାରିକ ରୂପ ହେବା ଦରକାର । ଚ଼ଳିତ ରଥଯାତ୍ରା ସମୟରେ ଆମ ଭକ୍ତିଭାବ ଓ ନିଷ୍ଠାର ସହ ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍ ଏକା ଠ1 କରିବା ଏବଂ ପରେ ତାହାର ପୁନଃବ୍ୟବହାର କରିବା ପାଇଁ ସମସ୍ତେ ସଂକଳ୍ପ ନେବା ଦରକାର। ବିଶେଷ ବୋଲି କେନ୍ଦ୍ରମନ୍ତ୍ରୀ ଭିଡିଓ ବାର୍ତାରେ କହିଛନ୍ତି ।

# ସବୁ କାମରେ ନିଜର ଶତ ପ୍ରତିଶତ ଦେଇଛି: ସାଂସଦ ଅପରାଜିତା ଷଡଙ୍ଗୀ



ଭୁବନେଶ୍ୱର: ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ତୃତୀୟ ବାର୍ଷିକ ରିପୋର୍ଟ କାର୍ଡ ଦେଇଛନ୍ତି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ରିପୋର୍ଟ କାର୍ଡକୁ ଉନ୍ମୋଚ଼ନ କରି କହିଛନ୍ତି, ଏଇ ତିନି ବର୍ଷରେ ଛଅଟି ଦିଗରେ କାମ କରିବାର ପ୍ରୟାସ କରିଛି। ବିକାଶ କାର୍ଯ୍ୟ, ଜନସାଧାରଣଙ୍କ ଅଭିଯୋଗର ଶୁଣାଣି, ସମସ୍ତଙ୍କ ପାଖକୁ ପହଞ୍ଚିବା, ସଂସଦରେ ଭୁବନେଶ୍ୱର କଥା ଉପସ୍ଥାପନା, ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ସକ୍ରିୟ ଅଂଶଗ୍ରହଣ କରିବା ଓ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ପ୍ରତିଦିନ ବିଭିନ୍ନ ଗଣମାଧ୍ୟମରେ ମତ ରଖିଛି ଏବଂ ଏସବୁ ଦିଗରେ ନିଜର ଶତ ପ୍ରତିଶତ ଦେଇଛି।

ସାଂସଦ ଅପରାଜିତା ଷଡଙ୍ଗୀଙ୍କର ସୂଚ଼ନା ଅନୁଯାୟୀ, ଏନଏଚ୍ ଏଆଇ ଜରିଆରେ ୬୪୭୩ କୋଟି ୬୨ ଲକ୍ଷ ଟଙ୍କାର ୪୩ଟି ପ୍ରକଳ୍ପ କାମ ମୋ ସଂସଦୀୟ କ୍ଷେତ୍ରରେ ଆରମ୍ଭ ହୋଇଛି। ଏଥିମଧ୍ୟରେ ୧୦ଟି ଫ୍ଲାଏ ଓଭର୍, ୨୮ଟି ଅଣ୍ଡରପାସ୍, ୪ଟି ଫୁଟଓଭର୍ ବ୍ରିଜ୍, ଖୋର୍ଦ୍ଧା ବାଇପାସ ଓ ରିଙ୍ଗ ରୋଡ ପ୍ରକଳ୍ପ କାମ ଚ଼ାଲିଛି। ୱାର୍ଡ-୪ରେ ଡ୍ରେନର ସମସ୍ୟା ଥିଲା। ବିଏମସି ଓ ଏନଏଚ୍ ଏଆଇ ସହଯୋଗରେ ୧୦ କୋଟି ୨୦ ଲକ୍ଷ ଟଙ୍କାର ଦଶଟି ବଡ଼ ଡ୍ରେନ୍ କାମ ସରିଛି। ସାଂସଦ ପାଣ୍ଠିରୁ ହଜାରଟି ସୋଲାର ଲାଇଟ ଲଗାଯାଇଛି।୧୧୪୩ ପ୍ରକଳ୍ପ ଲାଗି ସାଂସଦ ପାଣ୍ଠି ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ୧୦୩୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି।

ଜଳ ଜୀବନ ମିସନ ଅଧୀନରେ ସଂସଦୀୟ କ୍ଷେତ୍ରରେ ୧୩୮୦.୨୫ କୋଟି ଟଙ୍କା ବ୍ୟୟରେ ୯ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଚ଼ାଲିଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଗ୍ରାମାଞ୍ଚଳରେ ୨୨୦୯୮୫ଟି ଘର ରହିଛି। ୧୨୭୧୨୩ଟି ଘରକୁ ପାଇପ ପାଣି ପହଞ୍ଚିଛି। ୯୩୮୬୨ଟି ଘରକୁ ପହଞ୍ଚାଇବା ଲାଗି ପ୍ରୟାସ ଚ଼ାଲିଛି। ୨୦୨୪ ସୁଦ୍ଧା ସବୁ ଘରକୁ ପାଣି ପହଞ୍ଚିବ। ଏଣେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୯୦୯ଟି ପକ୍କା ଘର ମଞ୍ଜୁର ହୋଇଛି। ୩୫୭୪ଟି ଘର ସମ୍ପୂର୍ଣ୍ଣ ହୋଇସାରିଛି। ଆଉ ୧୦୪୪୫ଟି ଘର ଲାଗି ଲୋକଙ୍କଠାରୁ ପ୍ରସ୍ତାବ ଆସିଛି।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୫୦ଟି ପ୍ୟାକେଜରେ ୩୧୧ କିଲୋମିଟର ରାସ୍ତା କାମ ଲାଗି ୧୩୯.୧୩ କୋଟି ଟଙ୍କା ଖର୍ଚ୍ଚ ହେବ।

ଠିକ୍ ସେହିପରି ଜଳସେଚ଼ନ ଲାଗି ୬ଟି ବ୍ଲକରେ ୧୩ଟି କ୍ଷୁଦ୍ର ଜଳସେଚ଼ନ ପ୍ରକଳ୍ପ ଲାଗି ୬ କୋଟି ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ରଜୁଆରେ ଗୋଟିଏ ବୃହତ ଜଳସେଚ଼ନ ପ୍ରକଳ୍ପ ଲାଗି ୧୭୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହା ସମ୍ପୂର୍ଣ୍ଣ ହେଲେ ୨୬୬୬ ହେକ୍ଟର ଜମିରେ ଜଳସେଚ଼ନ ହୋଇପାରିବ। ସେଥିରୁ ଖୋର୍ଦ୍ଧା ଜିଲ୍ଲାର ୧୭ଟି ଗାଁର ୧୧୧୬ ହେକ୍ଟର ଜମି ଉପକୃତ ହୋଇପାରିବ।

ଏହାଛଡା ବର୍ଷକରେ ୬୧୬୬ଟି ଅଭିଯୋଗ ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ୫୫୪୫ ଅଭିଯୋଗର ସମାଧାନ କରାଯାଇଛି। ୬୮% ଅଭିଯୋଗର ସକାରାତ୍ମକ ସମାଧାନ ହୋଇଛି।

ପ୍ରଧାନମନ୍ତ୍ରୀ ଜାତୀୟ ସୁରକ୍ଷା ପାଣ୍ଠିରେ ସଂସଦୀୟ କ୍ଷେତ୍ରର ୩୨ ଜଣଙ୍କ ଚ଼ିକିତ୍ସା ଲାଗି ୮୩ ଲକ୍ଷ ୨୪ ହଜାର ୫୦୦ ଟଙ୍କା ଯୋଗାଇ ଦିଆଯାଇଛି।

ସେ ରାଷ୍ଟ୍ରୀୟ ମୁଖପାତ୍ର ହେବା ପରେ ୬୫୩ ଆଲୋଚ଼ନାଚ଼କ୍ରରେ ଭାଗ ନେଇଥିବାର ସୂଚ଼ନା ଦେଇଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ।

ସଂସଦରେ ୨୬ଟି ତର୍କରେ ଭାଗ ନେଇ ୧୨୪ଟି ପ୍ରଶ୍ନ ମାଧ୍ୟମରେ ସଂସଦୀୟ କ୍ଷେତ୍ରର ସମସ୍ୟା ସମାଧାନ ଲାଗି ଚେଷ୍ଟା କରିଛନ୍ତି।

ସେ ଆହୁରି କହିଛନ୍ତି, ବିଭିନ୍ନ ମନ୍ତ୍ରଣାଳୟ ୧୦ଟି ପ୍ରସଙ୍ଗ ପଡିରହିଛି। ଏହାସହ ଭୁବନେଶ୍ୱରରେ କମପ୍ରେନ୍ସିଭ ଡ୍ରେନେଜ ମାଷ୍ଟର ପ୍ଲାନ ଆଣିବା ଦିଗରେ ମଧ୍ୟ କାମ କରିବି। ଆଗାମୀ ଦିନରେ ସେସବୁକୁ କରାଇବା ଲାଗି ପ୍ରୟାସ କରିବି। ଏଗୁଡିକ ମଧ୍ୟରେ ବୋଲଗଡ଼ ଏବଂ ଲିଙ୍ଗରାଜ ପାସେଞ୍ଜର ହଲଟର ଉନ୍ନତିକରଣ, ଭୁବନେଶ୍ୱର ରେଳଷ୍ଟେସନକୁ ଆଧୁନିକ ଷ୍ଟେସନରେ ପରିଣତ କରିବା, ଚ଼ିଲିକା ହ୍ରଦର ଜଳ ସଫା କରିବା କାମ ରହିଛି। ଉପକୂଳ କାର୍ଯ୍ୟ ଖନନ ପାଇଁ ୨୦.୭୯ କୋଟି ମଞ୍ଜୁର ହୋଇଛି, ଗ୍ରାମପଂଚ଼ାୟତରେ ରହୁଥିବା ମତ୍ସ୍ୟଜୀବୀଙ୍କ ଉନ୍ନତିରେ ସହାୟକ ହେବ ବୋଲି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ଅନ୍ଧାରୁଆଠାରେ ଇଏସଆଇସି ୧୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହସ୍ପିଟାଲ ବ୍ୟବସ୍ଥା, ଭୁବନେଶ୍ୱରରେ ଅଧିକ ଜନ ଔଷଧ କେନ୍ଦ୍ର ଖୋଲିବା, ଓଡିଶା ଜନଜାତି ସମ୍ପ୍ରଦାୟ ଦୁରୁଆ, କନ୍ଧ, କୁମ୍ଭାର, ସଅର ଜନଜାତି ମାନ୍ୟତା, ପ୍ରାଚ଼ୀ ନଦୀର ପୁନରୁଦ୍ଧାର, କୁଆଖାଇରେ ବ୍ୟାରେଜ ନିର୍ମାଣ ଭୁବନେଶ୍ୱରକୁ ଜମ୍ମୁ ଓ ଶିରିଡି ବିମାନ ଚ଼ଳାଚ଼ଳ, ଜଟଣୀ ଫ୍ଲାଏ ଓଭର ଅକ୍ଟୋବର ୩୧ ସୁଦ୍ଧା କାମ ସାରିବା ଏବଂ ଭୁବନେଶ୍ୱରରେ କମ୍ପ୍ରେହେନସିଭ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଆଦି କାମ ଲାଗି ସେ ପ୍ରଚେଷ୍ଟା ଜାରି ରହିଥିବା କହିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ।

## ସମ୍ପାଦକୀୟ...

# ଓଡ଼ିଶା ଅଭ୍ୟୁଦୟର ସଙ୍କେତ

ଓଡ଼ିଶା ପାଇଁ ଥିଲା ଏହା ବିଜେପି ସମର୍ଥିତ ଏନ୍‌ଡିଏର ଉତ୍କୃଷ୍ଟ ଉପହାର ଗିଫ୍ଟ, ଯେତେବେଳେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମ ଦେଶର ରାଷ୍ଟ୍ରପତି ପଦବୀ ନିମନ୍ତେ ଘୋଷଣା କରାଯାଇଥିଲା। ଜଣେ ଜନଜାତି ମହିଳା ତାହା ମଧ୍ୟ ଓଡ଼ିଶା ପରି ଗୋଟିଏ ଅନଗ୍ରସର ରାଜ୍ୟରୁ ଦେଶର ସର୍ବୋଚ୍ଚ ପଦବୀ ନିମନ୍ତେ ଦିନେ ପ୍ରତିଦ୍ୱନ୍ଦ୍ୱିତା କରିବେ, ହୁଏତ ରାଜ୍ୟବାସୀ ଏମିତି ସମ୍ଭାବନାକୁ କ୍ୱଚିତ କଳ୍ପନା କରିଥିବେ।

ଓଡ଼ିଶାର ଜନଜାତି ତଥା ମହିଳାମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଏହା କେବଳ ଏକ ଜାତି ବା ଗୋଷ୍ଠୀଗତ ଉପଲବ୍ଧି ନୁହେଁ, ବରଂ ସମଗ୍ର ରାଜ୍ୟବାସୀଙ୍କ ପାଇଁ ନେତୃତ୍ୱର ଏକ ନୂତନ ଅଭ୍ୟୁଦୟର ସଙ୍କେତ ମଧ୍ୟ।

କିଏ ଜାଣିଥିଲା ଯେ, ଯେତେବେଳେ ସମଗ୍ର ଭାରତ ଦେଶ ସାରା 'ଆଜାଦୀ କି ଅମୃତ ମହୋତ୍ସବ' ପାଳନ କରୁଛନ୍ତି, ସ୍ୱାଧୀନତାର ୭୫ବର୍ଷରେ ଜଣେ ଜନଜାତି ମହିଳା ମଧ୍ୟ ଦେଶର ରାଷ୍ଟ୍ରପତି ହୋଇପାରିବେ। ଭାରତର ଗଣତନ୍ତ୍ର ବ୍ୟବସ୍ଥାର ଏହା ହେଉଛି ଏକ ସୁନ୍ଦର ନମୁନା। ଆମର ଗଣତନ୍ତ୍ର ବିଶ୍ୱର ସର୍ବବୃହତ। ତାହାଠାରୁ ବିଶାଳ ଆମର ଉଦାରଶୀଳତା। ଦିନେ କୁସଂସ୍କାର, ଅନଗ୍ରସରତାରେ ପୀଡ଼ିତ ଥିବା ଆଦିବାସୀ ଆଜି ନିଜ ସ୍ୱାଭିମାନ ଓ ନିଷ୍ଠାକୁ ପାଥେୟ କରି ଯେ ଜୀବନରେ କେଉଁ ସୋପାନରେ ପହଁଚିପାରିବ ତାହା ଏବେ ବିଶ୍ୱ ଦେଖିବ।

ଦେଶର ସମ୍ବିଧାନରେ ଅନୁସୂଚିତ ଜନଜାତି ତଥା ମହିଳାମାନଙ୍କ ସଶକ୍ତିକରଣ ନିମନ୍ତେ ଅନେକ ଲୋକାଭିମୁଖୀ ପ୍ରାବଧାନ ରହିଛି। ବିଗତ ୭୫ବର୍ଷ ଧରି ଦେଶରେ ଜନଜାତି ବିକାଶ ନିମନ୍ତେ ଦେଶ ତଥା ରାଜ୍ୟ ସରକାର ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସରକାର ଜନଜାତି ବିକାଶ ନିମନ୍ତେ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରୁଛନ୍ତି। ସ୍ୱାଧୀନତା ପୂର୍ବରୁ ଆଦିବାସୀ ପଡ଼ା ଓ ଗାଆଁ ଲୋକଲୋଚନରୁ ଦୂରରେ ଥିଲା। ସେଠାରେ ସାମାନ୍ୟତମ ଜରୁରୀ ଆବଶ୍ୟକତା ଯେପରି ପିଇବା ପାଣି, ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଜଳସେଚନ, ବିଜୁଳି ଇତ୍ୟାଦିର ବ୍ୟବସ୍ଥା ନଥିଲା। କହିବା ବାହୁଲ୍ୟ, ଜନଜାତି ବର୍ଗ ପଶୁପକ୍ଷୀ ପରି ଜୀବନ ବିତାଉଥିଲେ। ସେମାନେ ଅନ୍ୟ ବର୍ଗର ଜନସାଧାରଣଙ୍କ ସହ ସାମାଜିକ ସହଭାଗିତାରେ ସାମିଲ ହେବା ତ ଦୂରର କଥା, ଅଶିକ୍ଷା, ବନ୍ଧୁଆ ଶ୍ରମିକ, ଋଣ ତଥା ଅନ୍ଧବିଶ୍ୱାସର ଅନ୍ଧକାରରେ ବିକାଶଠାରୁ ବହୁ ଦୂରରେ ଥିଲେ।

ଜନଜାତି କ୍ରମବିକାଶ ପ୍ରକ୍ରିୟାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ନିମନ୍ତେ ସରକାରୀ ଯୋଜନା ଅନେକ ମାତ୍ରାରେ ସହାୟକ ହୋଇଛି। ୧୯୫୬ର ସଂଶୋଧିତ ଜନଗଣନା ଅନୁସାରେ ଦେଶରେ ଜନଜାତିଙ୍କ ସର୍ବମୋଟ୍ ଜନସଂଖ୍ୟା ଥିଲା ୨,୨୫,୧୯, ୦୫୪। ଏହା ଥିଲା ଦେଶର ଜନସଂଖ୍ୟାର ଶତକଡ଼ା ୬.୨୩ ପ୍ରତିଶତ। ପରବର୍ତ୍ତୀ ସମୟରେ ଜନଜାତି ଅଂଚଳରେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଶିକ୍ଷାର ପ୍ରସାର ଯୋଗୁ ଜନଜାତିଙ୍କ ଜନସଂଖ୍ୟାରେ ବୃଦ୍ଧି ଘଟିଛି। ୨୦୧୯ ଜନଗଣନା ଅନୁସାରେ ଦେଶର ଜନଜାତିଙ୍କ ସର୍ବମୋଟ୍ ସଂଖ୍ୟା ହେଉଛି ୧୦ କୋଟି ୪୨ଲକ୍ଷ, ଯାହା ଦେଶର ଜନସଂଖ୍ୟାର ଶତକଡ଼ା ୮.୬ ପ୍ରତିଶତ ଅଟେ।

ଏହି ଜନଗଣନା ଅନୁସାରେ ଓଡ଼ିଶା ଦେଶର ଜନଜାତି ଜନସଂଖ୍ୟା ଆଧାରରେ ତୃତୀୟ ସ୍ଥାନ ଅଧିକାର କରିଛି। ଏଠାରେ ୬୨ଟି ପ୍ରକାରର ଜନଜାତି ବସବାସ କରନ୍ତି। ଓଡ଼ିଶାର ଶତକଡ଼ା ୪୪ ପ୍ରତିଶତ ଭୌଗୋଳିକ ସ୍ଥାନ ହେଉଛି ଆଦିବାସୀ ଅଧ୍ୟୁଷିତ। ଅନ୍ୟ ଅର୍ଥରେ ଓଡ଼ିଶାରେ ପ୍ରତି ୧୦ଜଣଙ୍କ ମଧ୍ୟରୁ ଜଣେ ହେଉଛି ଆଦିବାସୀ।

ଏପରି ଏକ ଜନଜାତି ବହୁଳ ରାଜ୍ୟ ମଧ୍ୟରୁ ଦେଶର ସର୍ବୋଚ୍ଚ ପଦ ନିମନ୍ତେ ପ୍ରାର୍ଥୀ ଚୟନ କରିବା ନିଶ୍ଚୟ ଗୌରବର ବିଷୟ। ସମଗ୍ର ଦେଶର ଜନଜାତିଙ୍କ ପାଇଁ ଏହା ଏକ ନୂତନ ଆଶାର ଆଲୋକ ଆଣିଦେଇଛି। ଓଡ଼ିଶା ମାଟିରେ ଏକ ପଲ୍ଲୀ ଅଂଚଳରେ ଜନ୍ମଗ୍ରହଣ କରିଥିବା ଆଦିବାସୀ ଝିଅଟିଏ ପାଠ ପଢ଼ି, ଜୀବନରେ ବିଭିନ୍ନ ବାଧାବିଘ୍ନକୁ ସାମନା କରି ନିଜର ପ୍ରତିଭା ଦ୍ୱାରା ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏକଦା ନବୀନ ପଟ୍ଟନାୟକଙ୍କୁ ରାକ୍ଷୀ ବାନ୍ଧିଥିବା ଏହି ମହିଳା ନିଜ ରାଜ୍ୟ ଓ ଜାତିର ସମ୍ମାନ ରକ୍ଷା କରିଛନ୍ତି।

ଭାରତ ଏକ ସମ୍ଭାବନାର ଦେଶ। ଏଠାରେ ଗଣତନ୍ତ୍ର ପଦ୍ଧତିରେ କୌଣସି ବ୍ୟକ୍ତି ନିଷ୍ଠାପର ଭାବରେ ଅଧ୍ୟବସାୟ ଦ୍ୱାରା ସମାଜର ଉଚ୍ଚତର ସୋପାନକୁ ଅତିକ୍ରମ କରିପାରିବ। ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱ ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ। ଏହା ସମଗ୍ର ବିଶ୍ୱ ପାଇଁ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିବ। ବିଗତ ଦିନରେ ଯେତେବେଳେ ବିଜେପି ଦେଶର ପ୍ରଥମ ଜନଜାତି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ପି.ଏ ସାଙ୍ଗମାଙ୍କ ନାମ ଘୋଷଣା କରିଥିଲେ, ସେତେବେଳେ ନବୀନ ପଟ୍ଟନାୟକ ସରକାର ତାହାର ଦୃଢ଼ ସମର୍ଥନ ଜଣାଇଥିଲେ। ଏହା ପଛରେ ଥିଲା ରାଜ୍ୟ ସରକାରଙ୍କ ଜନଜାତିଙ୍କ ପାଇଁ ସମ୍ମାନଭାବର ପରିଚୟ। ଜବାହରଲାଲ ନେହରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ରାଜନୈତିକ ଉଦାରତାର ଦୃଷ୍ଟାନ୍ତ ବିଷୟରେ ଆମେ ଅବଗତ। ଆଜି ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ ସେମିତି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ ପ୍ରୋତ୍ସାହିତ କରୁଛନ୍ତି। ଏଠାରେ ଦଳ ନିର୍ବିଶେଷରେ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ଖାଲି ସମର୍ଥନ କରିନାହାନ୍ତି ବରଂ ଅନ୍ୟ ରାଜନୈତିକ ଦଳମାନଙ୍କୁ ମଧ୍ୟ ତାଙ୍କୁ ସମର୍ଥନ କରିବା ନିମନ୍ତେ ଆହ୍ୱାନ କରିଛନ୍ତି। ତେଣୁ ଓଡ଼ିଶାର ନେତୃତ୍ୱ ଏବେ ଏକ ପ୍ରଗତିଶୀଳ ତଥା ଅଭ୍ୟୁଦୟର ପଥରେ ଧାବମାନ ହୋଇଛି। ଏହା ଓଡ଼ିଶା ନିମନ୍ତେ ନୂତନ ଯୁଗର ସୂର୍ଯ୍ୟୋଦୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।



# ବିଜେପିର ଓଡ଼ିଶା ପାଇଁ ଗେମ୍‌ପ୍ଲାନ୍

**ରବି ଦାସ**

> “ ଓଡ଼ିଶାକୁ ପୂର୍ବ ଭାରତରେ ବିଜେପି ପକ୍ଷରୁ ଏକ ପ୍ରମୁଖ ରାଜ୍ୟ ଭାବରେ ଗତ ୮ବର୍ଷ ହେଲା ବିଚାର ହୋଇଆସିଛି। ଓଡ଼ିଶାରୁ କେନ୍ଦ୍ରୀୟ ମନ୍ତ୍ରିପରିଷଦରେ ପ୍ରତିନିଧିତ୍ୱ ଏବଂ ଓଡ଼ିଆ ଅଫିସରମାନଙ୍କ ପ୍ରମୁଖ ସ୍ଥାନରେ ଅବସ୍ଥାନ ସହିତ ପ୍ରତିବର୍ଷ ପଦ୍ମ ପୁରସ୍କାରରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଯେଉଁମାନଙ୍କୁ ଚିହ୍ନଟ କରାଯାଇ ସ୍ୱୀକୃତି ଦିଆଯାଇଛି ସେଥିରେ ବିଜେପିର ଓଡ଼ିଶା ପ୍ରତି ଏକ ସ୍ୱତନ୍ତ୍ର ଧ୍ୟାନ ରହିଥିବା ପ୍ରମାଣିତ ହୋଇଛି।

ବିଜେପି ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଘୋଷଣା ସାମାଜିକ ନ୍ୟାୟ, ବହୁଜନ ସମାଜ ରାଜନୀତି, ମଣ୍ଡଳ ରାଜନୀତି ଓ ଆମ୍ବେଦକରପନ୍ଥୀମାନଙ୍କ ପାଇଁ ଏପରି ଏକ ସମସ୍ୟା ସୃଷ୍ଟି କରିଛି ଯାହାକୁ ସେମାନେ ସିଧାସଳଖ ବିରୋଧ ବା ପ୍ରତ୍ୟାଖ୍ୟାନ୍ କରିପାରିବେ ନାହିଁ। ମନ୍ତ୍ରିପରିଷଦର ପରାମର୍ଶ ଅନୁସାରେ ସେ ସମସ୍ତ ନିଷ୍ପତି ନେବା ପାଇଁ ବାଧ୍ୟ। କିନ୍ତୁ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରାଯିବା ଦ୍ୱାରା ତାହାର ଯେଉଁ ରାଜନୈତିକ ପ୍ରଭାବ ରହିଛି ସେଥିରୁ ବିଜେପି ବହୁ ଭାବରେ ଲାଭବାନ ହୋଇପାରିବ। ପୂର୍ବ ଭାରତରୁ ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି କରିବା ପାଇଁ ବିଜେପି ନୀତିଗତ ନିଷ୍ପତି ନେବା ମନ୍ତ୍ରିପରିଷଦରେ ପ୍ରତିନିଧିତ୍ୱ ଏବଂ ଓଡ଼ିଆ ଅଫିସରମାନଙ୍କ ପ୍ରମୁଖ ସ୍ଥାନରେ ଅବସ୍ଥାନ ସହିତ ପ୍ରତିବର୍ଷ ପଦ୍ମ ପୁରସ୍କାରରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଯେଉଁମାନଙ୍କୁ ଚିହ୍ନଟ କରାଯାଇ ସ୍ୱୀକୃତି ଦିଆଯାଇଛି ସେଥିରେ ବିଜେପିର ଓଡ଼ିଶା ପ୍ରତି ଏକ ସ୍ୱତନ୍ତ୍ର ଧ୍ୟାନ ରହିଥିବା ପ୍ରମାଣିତ ହୋଇଛି। ଯେତେବେଳେ ଓଡ଼ିଶାର ଲୋକମାନେ କଂଗ୍ରେସ ଶାସନ

ବିଜେପି ରାଜ୍ୟରେ କୌଣସି ମନ୍ଦିର ରାଜନୀତି ଆରମ୍ଭ କରିବା ପୂର୍ବରୁ ଓଡ଼ିଶାର ଶ୍ରୀଜଗନ୍ନାଥ, ଶ୍ରୀଲିଙ୍ଗରାଜ ଓ ସମଲେଶ୍ୱରୀ ପ୍ରମୁଖ ବଡ଼ ବଡ଼ ସବୁ ମନ୍ଦିରରେ ରାଜ୍ୟ ସରକାର ବ୍ୟାପକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସୃଷ୍ଟି ହୋଇଥିବା ଏକ ବିବାଦ ସୁପ୍ରିମକୋର୍ଟ ଯେପରି ସମାଧାନ



ପରିସ୍ଥିତି ଏପରି ହୋଇଛି ଯେ, ବିଜେପି ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କ ନାମ ଯଦି ପ୍ରଥମରୁ ଘୋଷଣା କରାଯାଇଥାନ୍ତା ଓ ସେହି ଅନୁସାରେ ସମସ୍ତ ବିରୋଧୀ ଦଳମାନଙ୍କ ସହିତ ସହମତିରେ ରାଷ୍ଟ୍ରପତି ମନୋନୟନ ପାଇଁ ବ୍ୟବସ୍ଥା ହୋଇଥାନ୍ତା ତେବେ ଶ୍ରୀମତୀ ମୁର୍ମୁ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ରାଷ୍ଟ୍ରପତି ନିର୍ବାଚିତ ହୋଇପାରିଥାନ୍ତେ। ଅବଶ୍ୟ ଏବେ ତାଙ୍କର ବିଜୟ ନେଇ କୌଣସିଠାରେ ବି ସନ୍ଦେହର ଅବକାଶ ନାହିଁ। ବିଜେଡି ଓ ଏନ୍‌ଡିଏର ଯେତିକି ଭୋଟ ଅଛି ତାହାଠାରୁ ଯଥେଷ୍ଟ ଅଧିକ ଭୋଟ୍ ପାଇ ସେ ବିଜୟୀ ହେବା ସୁନିଶ୍ଚିତ। ତାଙ୍କ ପ୍ରାର୍ଥିତ୍ୱକୁ ବିଜୁ ଜନତା ଦଳ ପ୍ରଥମରୁ ସମର୍ଥନ କରିଥିବା ଫଳରେ ତାଙ୍କର ବିଜୟ ସୁନିଶ୍ଚିତ ହୋଇଥିବା ସମୟରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ଯିଏକି ଝାଡ଼ଖଣ୍ଡରେ କଂଗ୍ରେସ ସହିତ ମେଂଟ ସରକାର ଚଳାଉଛି ସେହି ଦଳ ବି ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିବା ପାଇଁ ବାଧ୍ୟହେବାକୁ ଯାଉଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବସ୍ତୁତଃ ଆଦିବାସୀମାନଙ୍କର ଦଳ ଓ ସାନ୍ତାଳମାନେ ଏହି ଦଳର ନେତୃତ୍ୱରେ ରହିଛନ୍ତି। ଏଣୁ ଦ୍ରୌପଦୀ ମୁର୍ମୁଙ୍କ ପରି ଜଣେ ସାନ୍ତାଳି ମହିଳା ଯିଏକି ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ଜେଏମ୍‌ଏମ୍ ତାଙ୍କୁ ବିରୋଧ କରିବା ସହଜ ନୁହେଁ। ବିଜେପି ସହିତ କେତେକ ବିଷୟରେ ଭିନ୍ନମତ ସତ୍ତ୍ୱେ ଜନତା ଦଳ (ୟୁ) ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିସାରିଛି। ସ୍ୱାଧୀନତାର ୭୫ବର୍ଷ ପରେ ଦେଶର ସବୁଠାରୁ ନିମ୍ନବର୍ଗରେ ଥିବା ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ନିର୍ବାଚିତ ହେଉଥିବାରୁ ନୀତିଗତ ଭାବରେ କାହାକୁ ବିରୋଧ କରିବା ସମ୍ଭବ ନୁହେଁ। ରାଷ୍ଟ୍ରପତି୍ ପଦବୀ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ବସ୍ତୁତଃ ବ୍ରିଟେନ୍‌ର ମହାରାଜା ବା ମହାରାଣୀଙ୍କ ପରି। କେନ୍ଦ୍ର ପରେ ଦ୍ରୌପଦୀ ମୁର୍ମୁଙ୍କୁ ହିଁ ଏଥିପାଇଁ ଚିହ୍ନଟ କରିବାର ଏକ ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବା ନିଶ୍ଚିତ। ଏପରିକି ଚଳିତ ବର୍ଷ ଗୁଜୁରାଟରେ ହେଉଥିବା ବିଧାନସଭା ନିର୍ବାଚନ ଯେଉଁଠାରେ ୪୦ଟି ଆସନର ଫଳାଫଳ ଆଦିବାସୀଙ୍କ ଉପରେ ନିର୍ଭରଶୀଳ ତାହା ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତାବର୍ଷ ହେବାକୁ ଥିବା ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନ ଯେଉଁ ଦୁଇ ରାଜ୍ୟରେ ଆଦିବାସୀମାନଙ୍କ ସଂଖ୍ୟା ଶତକଡ଼ା ୨୦ଭାଗରୁ ଅଧିକ ରହିଛି ସେଠାରେ ମଧ୍ୟ ବିଜେପି ଏହାକୁ ବ୍ୟବହାର କରିପାରିବ। କିନ୍ତୁ ଏହି ସମସ୍ତ ରାଜନୈତିକ ଦିଗ ଭିତରେ ଦ୍ରୌପଦୀ ମୁର୍ମୁ ଓଡ଼ିଶାର ହୋଇଥିବାରୁ ଏବଂ ଏହି ରାଜ୍ୟରେ ଆଦିବାସୀମାନଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ପ୍ରାୟ ୨୨/୨୩ ଭାଗ ଥିବାରୁ ବିଜେପି ରାଜନୈତିକ ଦୃଷ୍ଟିକୋଣରୁ ସକ୍ରିୟ ହୋଇଯିବା ପାଇଁ ଏହା ଏକ ଉପାଦାନ ଯୋଗାଇଦେଇଛି। ଓଡ଼ିଶାରେ ୨୦୧୯ ନିର୍ବାଚନରେ ବିଜେପି ଲୋକସଭାରେ ୮ଟି ଆସନ ସହିତ ବିଧାନସଭାରେ ପ୍ରମୁଖ ବିରୋଧୀ ଦଳ ହୋଇଥିଲେ ମଧ୍ୟ ଗତ ୩ବର୍ଷରେ ଦଳର ନିଷ୍କ୍ରିୟତା ଓ ନେତୃତ୍ୱ ସଂକଟ ଯୋଗୁ ବିଜେପି ପ୍ରତି ଆକର୍ଷଣ କମିଯାଉଥିବା ଗତ ପଂଚାୟତ ଓ ପୌର ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଏହାର ସୁବିଧା ନେଇ ଗତ ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଆସିଯିବା ଓ ବିଜେପି ଅମାନତ ହରାଇବା ସହିତ ବିଜେଡି ବିପୁଳ ବିଜୟ ହାସଲ କରିବା ସମସ୍ତଙ୍କୁ ବିସ୍ମିତ କରିଥିଲା।

ଏହା କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ଓଡ଼ିଶାକୁ ପୂର୍ବ ଭାରତରେ ବିଜେପି ପକ୍ଷରୁ ଏକ ପ୍ରମୁଖ ରାଜ୍ୟ ଭାବରେ ଗତ ୮ବର୍ଷ ହେଲା ବିଚାର ହୋଇଆସିଛି। ଓଡ଼ିଶାରୁ କେନ୍ଦ୍ରୀୟ ସମୟରେ ରାଜ୍ୟରୁ ଲୋକସଭାକୁ ଯଥେଷ୍ଟ ପ୍ରତିନିଧିତ୍ୱ ସହିତ ରାଜ୍ୟରେ କ୍ରମାଗତ କ୍ଷମତା ହାସଲ କରି ରଖିଥିଲେ ସେତେବେଳେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶା ପ୍ରତି କେବେହେଲେ ବି ଏପରି ଦୃଷ୍ଟି ଦେଇନଥିଲେ। ଏହି ତୁଳନାତ୍ମକ ଚିତ୍ର କଳାବେଳେ ବିଜେପି ଆଗରେ ରହୁଥିବାରୁ କଂଗ୍ରେସ ଦଳ ଓଡ଼ିଶାରେ ତୃତୀୟ ସ୍ଥାନକୁ ଚାଲିଯାଇଛି। କିନ୍ତୁ ରାଜ୍ୟରେ ଏକ ଆଂଚଳିକ ବା ରାଜ୍ୟ ଦଳ କ୍ଷମତାରେ ଥିବାରୁ ଏହା ଓଡ଼ିଶା ପାଇଁ ଅଧିକ ଅଙ୍ଗୀକାରବଦ୍ଧ ଓ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ବରାବର ଅନ୍ୟାୟ କରାଯାଇଛି ବୋଲି କୁହାଯାଇ ଆଂଚଳିକ ଦଳକୁ କ୍ଷମତା ପାଇଁ ରାଜ୍ୟରେ ଜନସାଧାରଣ ସମର୍ଥନ କରୁଛନ୍ତି। ଅସଲକଥା ହେଲା, ଏହି ଆଂଚଳିକ ଦଳ ଯାହାକି ଓଡ଼ିଶାର ସବୁଠାରୁ ପ୍ରଭାବଶାଳୀ ନେତା ଭାବେ ପରିଚିତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଓ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ଏହାର ନେତୃତ୍ୱ ନେଉଛନ୍ତି, ଯାହାକି ପ୍ରଥମ ଅବସ୍ଥାରେ ବିଜେପି ସହିତ ମେଂଟ କରି କ୍ଷମତାକୁ ଆସିଥିଲା ତାହାକୁ ସିଧାସଳଖ ବିରୋଧ କରି କ୍ଷମତାଚ୍ୟୁତ କରିବା ବିଜେପି ପାଇଁ ସହଜ ହୋଇନାହିଁ। ନବୀନଙ୍କ ନେତୃତ୍ୱ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ରାଜ୍ୟ ସରକାର ନିଜ କାର୍ଯ୍ୟକ୍ରମ ଭାବରେ ସରକାରୀ କଳର ସହାୟତାରେ ଯେପରି କାର୍ଯ୍ୟକାରୀ କରାଯାଉଛି ସେଥିରେ ରାଜ୍ୟବାସୀ ଏକ ବିକଳ୍ପ ନେତୃତ୍ୱ ବିନା ବିଜେଡିକୁ ହଟାଇବାକୁ ସହଜରେ ରାଜି ହେଉନାହାନ୍ତି। ଏଥିରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। କାରଣ ରାଜ୍ୟ ସରକାର ସମସ୍ତ ଗ୍ରାମ୍ୟଭିତିକ ବିକାଶ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗରିବକଲ୍ୟାଣ କାର୍ଯ୍ୟକ୍ରମରୁ ବିଜେପି ଅପେକ୍ଷା ବିଜେଡି ଅଧିକ ଲାଭବାନ ହେଉଛି।

କରିଦେଲେ ସେଥିରେ ରାଜ୍ୟ ସରକାର ଫାଇଦା ପାଇଲେ। ଏପରି ଅବସ୍ଥାରେ ବିଜେପିକୁ ରାଜ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ରଖାଯାଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ଅବସାନ ପର୍ଯ୍ୟନ୍ତ ଅପେକ୍ଷା କରିବା ନିମନ୍ତେ ଦଳକୁ ସକ୍ରିୟ କରିବା ପାଇଁ ଯାହା ଆବଶ୍ୟକ ତାହା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇ ବିଜେପି ହାସଲ କରିଛି। ନବୀନ ପଟ୍ଟନାୟକ ରାଜ୍ୟର ଜଣେ ମହିଳା ଆଦିବାସୀ ନେତ୍ରୀଙ୍କୁ ସଂଗେ ସଂଗେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସମର୍ଥନ କରିଥିଲେ ମଧ୍ୟ ଆଦିବାସୀମାନଙ୍କ ଭିତରେ ବିଜେପି ପ୍ରତି ଏକ ନୂଆ ଆଗ୍ରହ ପ୍ରକାଶ ପାଇଛି। ଫଳରେ ବିଜେପି ୨୦୧୯ ପରି ମୟୁରଭଂଜ, ସୁନ୍ଦରଗଡ଼ ସହିତ ଅନ୍ୟ ସ୍ଥାନମାନଙ୍କରେ ନିଷ୍କ୍ରିୟ ହୋଇଯାଇଥିବା ବିଜେପି ପୁର୍ନବାର ସକ୍ରିୟ ହୋଇଯାଇଛି। ଯେଉଁ କଂଗ୍ରେସ ଦଳ ବ୍ରଜରାଜନଗର ଉପନିର୍ବାଚନ ପରେ ରାଜ୍ୟରେ ପୁଣି ଦ୍ୱିତୀୟ ସ୍ଥାନକୁ ଫେରିବ ବୋଲି ସ୍ୱପ୍ନ ଦେଖୁଥିଲା ତାହା ମଧ୍ୟ ବାଧାପ୍ରାପ୍ତ ହୋଇଛି। କାରଣ ଏକଦା ରାଜ୍ୟର ଆଦିବାସୀ ଓ ଦଳିତମାନେ କଂଗ୍ରେସର ମୁଖ୍ୟ ସମର୍ଥକ ହୋଇ ରହିଥିଲେ। କିନ୍ତୁ ବିଜେପି ଧୀରେ ଧୀରେ ଆଦିବାସୀବର୍ଗରେ କଂଗ୍ରେସକୁ ହଟାଇ ନିଜ ସ୍ଥାନକୁ ମଜଭୁତ କରିବାର ଯେଉଁ ଉଦ୍ୟମ ଆରମ୍ଭ କରିଥିଲା ତାହା ଏବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ତ୍ୱରାନ୍ୱିତ ହେବାର ସମ୍ଭାବନା ଦେଖାଦେଇଛି। ଏଣୁ ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱ ରାଜ୍ୟରେ ବିଜେପିକୁ କ୍ରିୟାଶୀଳ କରିବା ସହିତ କଂଗ୍ରେସର ଅଭିବୃଦ୍ଧିରେ ଏକ ପ୍ରାଚୀର ଭାବରେ କାମ କରିଛି। ତେଣୁ ଜାତୀୟସ୍ତରରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ଦ୍ୱାରା ଯେଉଁ ସୁବିଧା ବିଜେପି ପାଇଛି ତାହାଠାରୁ ଅଧିକ ରାଜନୈତିକ ଫାଇଦା ଓଡ଼ିଶାରେ ମିଳିବ ବୋଲି ହିସାବ କରାଯାଉଛି।

ବରିଷ୍ଠ ସାମ୍ବାଦିକ
ମୋ- ୮୦୧୮୦୯୪୪୫୫

# ରାଜ୍ୟର ୧୫୭ ପ୍ୟାକ୍ସରେ ତାଲା ପକାଇବାକୁ ନିର୍ଦ୍ଦେଶ

ଯାଜପୁର : ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ଗୁଡିକ ଚାଷ ଓ ଚାଷୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ଗଠନ ହୋଇଥିଲା। ଏବେ ଅଧିକାଂଶ ପ୍ୟାକ୍ସ ଚାଷୀ ଶୋଷଣର କେନ୍ଦ୍ର ପାଲଟିଛି। ଚାଷୀଙ୍କ ଧାନ କିଣାବିକା, ଋଣ, ବିହନ, ସାର ଇତ୍ୟାଦି କାରବାରରେ ବ୍ୟାପକ ହେରଫେର୍ ଚାଲିଛି। ପ୍ୟାକ୍ସଗୁଡିକ ଦୁର୍ନୀତର ଗନ୍ତାଘରରେ ପରିଣତ ହୋଇଛି। ଏଭଳି ସ୍ଥିତିରେ ଆଜି ସମବାୟ ସମିତି ନିବନ୍ଧକ(ଆରସିଏସ) ରାଜ୍ୟର ୧୫୭ଟି ପ୍ୟାକ୍ସକୁ ତୁରନ୍ତ ବନ୍ଦ କରିବାକୁ ଡିଆରସିଏସ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିମଧ୍ୟରେ ବଲାଙ୍ଗୀର ଜିଲ୍ଲାର ସର୍ବାଧିକ ୬୦ଟି ପ୍ୟାକ୍ସ ବନ୍ଦ କରିବାକୁ ଚିହ୍ନଟ କରାଯାଇଛି । ସେହିପରି; ଗଞ୍ଜାମର ୩୨ଟି, କଟକର ୧୭ଟି, ସୋନପୁରର ୧୨ଟି, ଯାଜପୁରର ୯ଟି, ପୁରୀର ୫ଟି, କେନ୍ଦ୍ରାପଡାର ୩ଟି, କଳାହାଣ୍ଡି ୩ଟି, ଅନୁଗୁଳର ୨ଟି, ଢେଙ୍କାନାଳର ୨ଟି, ନୟାଗଡ, ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାରୁ ଗୋଟିଏ ଲେଖାଏଁ ପ୍ୟାକ୍ସ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ପ୍ୟାକ୍ସଗୁଡିକରେ ଏବେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ବନ୍ଦ ପାଇଁ ନୋଟିସ ବିଭିନ୍ନ ମହଲର ଆଲୋଡନ ଖେଳାଇ ଦେଇଛି। ଋଣ ଆଦାୟରେ ବିଫଳତା ପାଇଁ ବେ?ଦ୍ୟନାଥ କମିଟି ରିପୋର୍ଟକୁ ଭିତ୍ତିକରି ରାଜ୍ୟର ୧୬୨ଟି ପ୍ୟାକ୍ସକୁ ବନ୍ଦ କରିବା ପାଇଁ ଗତ ୨୦୧୪ରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଛି। ତଥାପି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉନାହିଁ। ଏଥିନେଇ ଆଜି ଆରସିଏସ୍ କାର୍ଯ୍ୟାଳୟର ଡିଆରସିଏସ (କ୍ରେଡିଟ୍) ଚିଠି ନମ୍ବର ୯୦୫୭ରେ ତାଗିଦ୍ କରିଛନ୍ତି। ସମୁଦାୟ ୧୬୨ଟି ପ୍ୟାକ୍ସ ମଧ୍ୟରୁ ଗୋଟିଏ ପ୍ୟାକ୍ସ ବନ୍ଦ ହୋଇଯାଇଥିବା ବେଳେ ୪ଟିକୁ ଅନ୍ୟ ପ୍ୟାକ୍ସ ସହ ମିଶାଇ ଦିଆଯାଇଛି। ଅବଶିଷ୍ଟ ୧୫୭ପ୍ୟାକ୍ସ ବନ୍ଦ କରିବାକୁ ଡିଭିଜନ୍‌ର ଡିଆରସିଏସ୍‌ମାନଙ୍କୁ ଜରୁରୀ ଚିଠି ଲେଖିଛନ୍ତି। ଯାଜପୁର ଜିଲ୍ଲାର ନୋଟିସ ହୋଇଥିବା ୯ଟି ପ୍ୟାକ୍ସ ମଧ୍ୟରେ ବୋଧେଇ, ତିର୍ତ୍ତୋଲ, ମାନତୀରା, ଖରିଆ, କଣ୍ଟିଗଡିଆ, ଯଖପୁରା, ରଣଗୁଣ୍ଡି, ରାଣୀପଡା ଓ ରାସୋଳ ଚିହ୍ନଟ କରାଯାଇଛି। ତେବେ, ସରକାରୀ ନିର୍ଦ୍ଦେଶ ଗତ ୮ବର୍ଷ ହେଲା କାର୍ଯ୍ୟକାରୀ କରାନଯାଇ ପକାଇ ରଖାଯାଇଥିବା ବେଳେ ଏବେ ନିର୍ବାଚିତ ହୋଇଥିବା ପ୍ରଭାବଶାଳୀ ନୂତନ କର୍ମକର୍ତ୍ତାମାନେ ଏହି ନିଷ୍ପତ୍ତିକୁ କେତେ ଦୂର କାର୍ଯ୍ୟକାରୀ କରିବାକୁ ଦେଉଛନ୍ତି ! ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

# ରୋମ୍‌ରେ ପ୍ରବାସୀ ଓଡିଆଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମରେ ପ୍ରବାସୀ ଓଡିଆଙ୍କୁ ଭେଟିଛନ୍ତି। ୟୁରୋପର ୧୨ଟି ଦେଶରେ ବସବାସ କରୁଥିବା ଏହି ପ୍ରବାସୀଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସଚିବ ଭି କେ ପାଣ୍ଡିଆନ୍ ଓ ଆବାସିକ କମିସନର ରବିକାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ପ୍ରବାସୀ ଓଡିଆଙ୍କ ମଧ୍ୟରେ ବୃତ୍ତିଗତ, ଉଦ୍‌ଯୋଗ, ଗବେଷଣା, ମିସନାରି, ଇଞ୍ଜିନିୟରିଂ, ଆଇଟି ପ୍ରଭୃତି ବିଷୟର ଛାତ୍ରଛାତ୍ରୀ ରହିଥିଲେ। ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ ପ୍ରଭୃତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କର ସଫଳତାର କାହାଣୀ ଶୁଣି ଗର୍ବ ଅନୁଭବ କରିଥିଲେ। ପ୍ରବାସୀ ଓଡିଆମାନେ ଓଡିଶାର ବିକାଶ ପାଇଁ ନିଜ ଉତ୍ସର୍ଗୀକୃତ ମନଭାବକୁ ଦୋହରାଇଥିଲେ। ୟୁରୋପରେ ଓଡିଆମାନେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରୁଥିବା ଜାଣି ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ। ଓଡିଶାରେ ଜାରି ରହିଥିବା ରୂପାନ୍ତରୀକରଣ ଅଭିଯାନ ବିଷୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅବଗତ କରାଇଥିଲେ ଓ ଓଡିଶାର ବିକାଶରେ ସହଭାଗୀ ହେବା ପାଇଁ ସେମାନଙ୍କୁ ଆମନ୍ତ୍ରିତ କରିଥିଲେ। ବ୍ରିଟେନ୍‌ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ୟୁକେ ଓଡିଆ ସଂଘ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସେଥିପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ବୃତ୍ତିଗତ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମାନଙ୍କ ସଫଳତା ପାଇଁ ରାଜ୍ୟ ଗର୍ବିତ ବୋଲି କହିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଜୁଲାଇ ୨୫ରେ ନୂଆ ବାସଭବନକୁ ଯିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ



ନୂଆଦିଲ୍ଲୀ: ପୂର୍ବତନ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ୧୨ ଜନପଥ ବଙ୍ଗଳା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନୂଆ ବାସଭବନ। ଅବସର ପରେ ଏହା କୋବିନ୍ଦଙ୍କ ନୂଆ ଠିକଣା ହେବ। ଜୁଲାଇ ୨୫ରେ ରାମନାଥ କୋବିନ୍ଦ ଏହି ନୂଆ ବାସଭବନକୁ ସ୍ଥାନାନ୍ତର ହେବେ ବୋଲି ଆଶଙ୍କା କରାଯାଉଛି। ମିଳିଥିବା ସୂଚନାନୁଯାୟୀ ବଙ୍ଗଳାରେ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି ଏବଂ କୋବିନ୍ଦଙ୍କ ଝିଅ ଏହି କାର୍ଯ୍ୟ ତଦାରଖ କରୁଛନ୍ତି। ରାମ ବିଳାସ ପାଶ୍ୱାନ୍ ଦୀର୍ଘ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ୧୨ ଜନପଥ ବଙ୍ଗଳାକୁ ଅକ୍ତିଆର କରିଛନ୍ତି। ରାମ ବିଳାସ ପାଶ୍ୱାନଙ୍କ ମୃତ୍ୟୁ ପରେ ପୁଅ ଚିରାଗ ପାଶ୍ୱାନ ଏହି ବଙ୍ଗଳା ଅକ୍ତିଆର କରିଥିଲେ। କିନ୍ତୁ ଏବେ ଏହା ରାଷ୍ଟ୍ରପତିଙ୍କ ବାସଭବନ ହେବାକୁ ଯାଉଛି। କଂଗ୍ରେସ ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧି କୋବିନ୍ଦଙ୍କ ନୂଆ ପଡୋଶୀ ହେବାକୁ ଯାଉଛନ୍ତି।

# ଭାଟିକାନ ସିଟିରେ ପୋପ ଫ୍ରାନସିସଙ୍କୁ ଭେଟିଲେ ନବୀନ




ରୋମ: ଭାଟିକାନ ସିଟିରେ ପୋପଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରୋମ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ପୋପଙ୍କୁ ଭେଟିଛନ୍ତି । ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପୋପଙ୍କୁ ସାକ୍ଷାତ କରିଛନ୍ତି ନବୀନ । ମୁଖ୍ୟମନ୍ତ୍ରୀଙ୍କ ସହ ଅଛନ୍ତି ୫ଟି ସଚିବ ଭି.କେ ପାଣ୍ଡିଆନ । ରୋମ୍ ସହିତ ଓଡ଼ିଶାର ରହିଛି ସାଂସ୍କୃତିକ ଓ ଐତିହ୍ୟର ସାମଞ୍ଜସ୍ୟ । ଇଟାଲି, ଗ୍ରୀସ୍ ସମେତ ୟୁରୋପରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ଭେଟି ରାଜ୍ୟର ବିକାଶରେ ସହଯୋଗର ଆହ୍ୱାନ ଦେବେ ମୁଖ୍ୟମନ୍ତ୍ରୀ । ରାଜ୍ୟର ସଂସ୍କୃତି ଓ କଳାର ବିକାଶରେ ସେମାନଙ୍କ ଅବଦାନ ନେଇ ଆଲୋଚନା କରିବେ ।

# ଅକ୍ଟୋବର ୧ରୁ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ଦିଲ୍ଲୀକୁ ଭାରୀଯାନ ମନା

ନୂଆଦିଲ୍ଲୀ : ଦିଲ୍ଲୀରେ ପ୍ରଦୂଷଣକୁ କମାଇବାକୁ ଦିଲ୍ଲୀ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଆସନ୍ତା ଅକ୍ଟୋବର ୧ରୁ ଆସନ୍ତା ବର୍ଷ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ଦିଲ୍ଲୀକୁ ବାହାର ରାଜ୍ୟରୁ ମଧ୍ୟମ ଓ ଓଜନିଆ ଯାନ ପ୍ରବେଶକୁ ନିଷିଦ୍ଧ କରିଛନ୍ତି । ଏହାଛଡ଼ା ଏହି ସମୟରେ ଦିଲ୍ଲୀକୁ କେବଳ ବିଏସ-୬ ଭାରିଆଣ୍ଟ ଯାନ ପ୍ରବେଶ କରିପାରିବ । ଏସଂପର୍କରେ ଦିଲ୍ଲୀ ସରକାର ପଡ଼ ?ଶୀ ଉତ୍ତରପ୍ରଦେଶ ଓ ହରିୟାଣା ସରକାରଙ୍କୁ ଚିଠି ଲେଖି କେବଳ ବିଏସ-୬ ପ୍ରଦୂଷଣ ମାନଦଣ୍ଡ ପାଳନ କରୁଥିବା ଯାନକୁ ପ୍ରବେଶ ଅଧିକାର ପାଇଁ ଅନୁରୋଧ କରିଛନ୍ତି । ଦିଲ୍ଲୀର ପରିବହନ କମିସନର ଏପି ମିଶ୍ର ଏହି ପତ୍ର ଲେଖି ଜଣାଇଛନ୍ତି ଯେ ଦିଲ୍ଲୀର ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଅଧିକ ଖରାପ ହେଉଛି । ଏହାକୁ ନେଇ ଖୋଦ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ଉଭୟ ସୁପ୍ରିମକୋର୍ଟ ଓ ସିଏକ୍ୟୁଏମ ଦିଲ୍ଲୀର ପ୍ରଦୂଷଣ କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ବାୟୁ ପ୍ରଦୂଷଣ କମାଇବାକୁ ଯାନବାହନ ଉପରେ ନିୟନ୍ତ୍ରଣ ପାଇଁ ପରାମର୍ଶ ଦିଆଯାଇଛି । ପ୍ରତିବର୍ଷ ଦିଲ୍ଲୀରେ ଶୀତଋତୁ ବିଶେଷକରି ଅକ୍ଟୋବରରୁ ଫେବ୍ରୁଆରି ପର୍ଯ୍ୟନ୍ତ ପ୍ରଦୂଷଣ ସ୍ଥିତି ସବୁଠାରୁ ଖରାପ ସ୍ଥିତିରେ ଥାଏ । ଏହାର କାରଣ ହେଉଛି ପଡ଼ୋଶୀ ହରିୟାଣା ଓ ପଂଜାବରେ ନଡ଼ା ଜାଳିବା ଓ ଯାନବାହନର ବହୁଳତା ।

# ଭୋଟର କାର୍ଡ ସହ ଆଧାର ସଂଯୋଗ ବାଧ୍ୟତାମୂଳକ




ନୂଆଦିଲ୍ଲୀ: ଆଧାର କାର୍ଡକୁ ନେଇ କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି । ପାନ କାର୍ଡ ପରେ ଏବେ ଭୋଟର କାର୍ଡ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରିଛନ୍ତି କେନ୍ଦ୍ର ସରକାର । ଭୋଟର କାର୍ଡର ଅପବ୍ୟବହାର ରୋକିବାରେ ଏହି ନିଷ୍ପତ୍ତି ସହାୟକ ହେବ । ନିର୍ବାଚନ ପ୍ରକ୍ରିୟାରେ ଏହାର ସର୍ବାଧିକ ପ୍ରଭାବ ପଡ଼ିବ । ଆଧାର ସହ ସଂଯୋଗ ହେଲେ ଜାଲ ଭୋଟର କାର୍ଡକୁ ଚିହ୍ନଟ କରି ବନ୍ଦ କରାଯାଇପାରିବ। ବିଭିନ୍ନ ଦିଗକୁ ଲକ୍ଷ କରି ସରକାର ଏନେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଜାନୁଆରୀ ୧ ତାରିଖରେ ୧୮ ବର୍ଷ ହୋଇଥିବା ଯୁବଗୋଷ୍ଠୀ ଭୋଟର କାର୍ଡରେ ନିଜର ନାମ ସାମିଲ ପାଇଁ ଆବେଦନ କରିପାରିବେ। ଭୋଟର କାର୍ଡ ଆବେଦନ ପାଇଁ ବର୍ଷକୁ ଥରେ ସୁଯୋଗ ମିଳୁଥିବା ବେଳେ ଏବେ ଏହା ୪ ଥର ମିଳିବ ସୁଯୋଗ। ସେହଭିଳି ଭୋଟର କାର୍ଡରେ ପତ୍ନୀ ଶବ୍ଦ ହଟାଇ ଜୀବନ ସାଥୀ ଲେଖାଯିବ। ସେବାରତ ଭୋଟରଙ୍କ ପତି କିମ୍ବା ପତ୍ନୀଙ୍କୁ ଭୋଟ ଦେବାରେ ସହାୟକ ହେବ । ଅନ୍ୟ ଭୋଟରଙ୍କ ତୁଳନାରେ ସେମାନଙ୍କୁ ଅଧିକ ସୁବିଧା ମିଳିବ।

# ମୋଦି ଓ ଶାହଙ୍କୁ ଭେଟିଲେ ଦ୍ରୌପଦୀ ମୁର୍ମୁ





ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ଦେଶର ପ୍ରଥମ ନାଗରିକ ଭାବେ ନିର୍ବାଚନ ଲଢିବାକୁ ତାଙ୍କ ନାଁ ଘୋଷଣା କରିଥିବାରୁ ସେ ଉଭୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ବିରୋଧୀ ଦଳ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଯଶୱନ୍ତ ସିହ୍ନାଙ୍କ ନାଁ ଘୋଷଣା କରାଯାଇଥିଲା। ଏହାପରେ ଏନଡିଏରୁ କିଏ ରାଷ୍ଟ୍ରପତି ପ୍ରାର୍ଥୀ ହେବ ତାକୁ ନେଇ ଚର୍ଚ୍ଚା ବଢି ଯାଇଥିଲା । କାରଣ ସିହ୍ନା ଜଣେ ଦକ୍ଷ ରାଜନେତା ହୋଇଥିବା ବେଳେ ପୂର୍ବରୁ ବିଜେପିରୁ ମନ୍ତ୍ରୀ ରହି ସାରିଛନ୍ତି। ତାଙ୍କୁ ଟକ୍କର ଦେବାକୁ ବିଜେପିକୁ ଏମିତି ଏକ ମୁହାଁ ଦରକାର ପଡୁଥିଲା, ଯାହାକୁ ଅଣ ଏନଡିଏ ଶାସିତ ରାଜ୍ୟରେ ବିରୋଧର ସମ୍ମୁଖୀନ ହେବାକୁ ପଡିବ ନାହିଁ । ଅନ୍ୟପକ୍ଷେ ଏନଡିଏ ପାଖରେ ରାଷ୍ଟ୍ରପତି ନିର୍ବାଚନରେ ବିଜୟ ହେବାକୁ ଆବଶ୍ୟକ ଭୋଟ ବି ନଥିଲା । ବିଜେଡି ଓ ଅନ୍ୟ କିଛି ଅଣ ଏନଡିଏ ଶାସିତ ରାଜ୍ୟର ଭୋଟ ବିନା ବିଜେଡି ରାଷ୍ଟ୍ରପତି ନିର୍ବାଚନରେ ଜିତିବା ସମ୍ଭବ ନଥିଲା । ଏମିତି ସ୍ଥଳରେ ମୋଦି ସରକାର ମୁର୍ମୁଙ୍କ ନାଁ ଘୋଷଣା କରି ମାଷ୍ଟରଷ୍ଟ୍ରୋକ ଖେଳି ଦେଇଛନ୍ତି । ଯାହାର ଲାଭ ମିଳିବା ମଧ୍ୟ ଆରମ୍ଭ ହୋଇ ସାରିଛି । ରାଷ୍ଟ୍ରପତି ନିର୍ବାଚନରେ ବିଜୟ ଓ ପରାଜୟ ମୁଖ୍ୟତଃ ବିଜେଡି ସମର୍ଥନ ଉପରେ ରହିଛି । ଏମିତି ସ୍ଥିତିରେ ଉଭୟ ବିଜେପି ଓ ବିରୋଧୀ, ନବୀନ ପଟ୍ଟନାୟକଙ୍କୁ ତାଙ୍କ କ୍ୟାମ୍ପକୁ ନେବାକୁ ସତ ଚେଷ୍ଟା କରିଥିଲେ । ତେବେ ଓଡ଼ିଆ ଝିଅ ତଥା ଗରିବ, ଆଦିବାସୀଙ୍କ ପାଇଁ ସଂଗ୍ରାମ କରି ଆସିଥିବା ଦ୍ରୌପଦୀ ମୁର୍ମୁଙ୍କୁ ବିଜେପି ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଅଣ ଏନଡିଏ ଶାସିତ ରାଜ୍ୟ ଭାବେ ବିଜେଡି ପ୍ରଥମ ଦଳ ଭାବେ ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ଖୋଲା ସମର୍ଥନ ଜଣାଇଛି । ଏପରିକି ବିଜେଡିର ଦୁଇ ମନ୍ତ୍ରୀ ଜଗନ୍ନାଥ ସରକା ଏବଂ ଟୁକୁନି ସାହୁ ମୁର୍ମୁଙ୍କ ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବାଣିଜ୍ୟ ଭବନ ଉଦ୍‌ଘାଟିତ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀଠାରେ ବାଣିଜ୍ୟ ଭବନ ଉଦ୍‌ଘାଟନ କରିବା ସହ ନିର୍ଯ୍ୟାତ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ, ସୋମ ପ୍ରକାଶ ଓ ଅନୁପ୍ରିୟା ପଟେଲ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ। ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ନବଭାରତରେ ଗତ ଆଠବର୍ଷ ଧରି ଚାଲି ଆସୁଥିବା ନାଗରିକ କୈନ୍ଦ୍ରିକ ପ୍ରଶାସନିକ ଢାଞ୍ଚାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ହୋଇଯାଇଛି । ଦେଶ ଏକ ନୂତନ ଓ ଆଧୁନିକ ବାଣିଜ୍ୟ ଭବନ ସହିତ ଏକ ରପ୍ତାନି ପୋର୍ଟାଲ ପାଇଛି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ପ୍ରଥମ ଶିଳ୍ପମନ୍ତ୍ରୀ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ମୃତ୍ୟୁବାର୍ଷିକୀ। ତାଙ୍କ ନୀତି, ନିଷ୍ପତ୍ତି, ସଂକଳ୍ପ ଓ ସେଗୁଡିକର ନିଷ୍ପାଦନ ସ୍ୱାଧୀନ ଭାରତକୁ ଦିଗ୍‌ଦର୍ଶନ ଦେବା ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଦେଶ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନବଭାରତର ନୂତନ କର୍ମସଂସ୍କୃତି ହେଉଛି ଯେକୌଣସି ପ୍ରକଳ୍ପକୁ ଠିକ୍ ସମୟରେ ସାରିବା। ଯେତେବେଳେ ସରକାରୀ ପ୍ରକଳ୍ପ ବର୍ଷ ବର୍ଷ ଧରି ପଡି ନ ରହି ନିର୍ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହୁଏ ଓ ସରକାରୀ ଯୋଜନା ଲକ୍ଷ୍ୟ ସ୍ଥଳରେ ପହଞ୍ଚେ, ସେତେବେଳେ ହିଁ ଦେଶର ଟିକସଦାତା ତା'ର ଉଚିତ ସମ୍ମାନ ପାଏ। ଆଜି ଆମ ପାଖରେ ଆଧୁନିକ ମଞ୍ଚ ଭାବେ ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ରହିଛି। ଏହି ବାଣିଜ୍ୟ ଭବନ ଦେଶକୁ 'ଗତିଶକ୍ତି' ପଥରେ ଅଗ୍ରସର କରିବ ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ନିର୍ଯ୍ୟାତ- ଜାତୀୟ ଆମଦାନି, ରପ୍ତାନି ପାଇଁ ବାଣିଜ୍ୟିକ ପୋର୍ଟାଲ ଅଂଶୀଦାରମାନଙ୍କୁ ପ୍ରକୃତ ତଥ୍ୟ ପ୍ରଦାନ କରିବ। ଏହି ପୋର୍ଟାଲ ଜରିଆରେ ୨୦୦ରୁ ଅଧିକ ଦେଶକୁ ରପ୍ତାନି ହେଉଥିବା ୩୦ରୁ ଅଧିକ ସାମଗ୍ରୀ ସମ୍ପର୍କରେ ତଥ୍ୟ ଉପଲବ୍ଧ ହେବ। ସମୟକ୍ରମେ ଜିଲ୍ଲାସ୍ତରରୁ ରପ୍ତାନି ସାମଗ୍ରୀ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ମିଳିବ। ଏହା ଜିଲ୍ଲାଗୁଡିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରପ୍ତାନି କେନ୍ଦ୍ର ଭାବେ ବିକଶିତ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ଆମେରିକା ରାଷ୍ଟ୍ରପତିଙ୍କ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା ହେବେ ଆରତୀ



ନୂଆଦିଲ୍ଲୀ: ପୁଣି ଅନ୍ତର୍ଜାତୀୟ ସ୍ତରରେ ଭାରତୀୟଙ୍କୁ ମିଳିବ ବଡ ଦାୟିତ୍ୱ । ୬୩ ବର୍ଷୀୟା ଭାରତରେ ଜନ୍ମିତ ଡ. ଆରତୀଙ୍କୁ ଆମେରିକା ସରକାରରେ ବିଜ୍ଞାନ କ୍ଷେତ୍ରରେ ଗୁରୁଦାୟିତ୍ୱ ମିଳିପାରେ। ଏନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଆମେରିକା ସରକାରଙ୍କ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା ପଦରେ ନିଯୁକ୍ତି ପାଇବେ ଇଣ୍ଡୋ-ଆମେରିକୀୟ ଡକ୍ଟର ଆରତୀ ପ୍ରଭାକର ।

ଆରତୀ ପ୍ରଭାକରଙ୍କ ନାଁକୁ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା ମନୋନୀତ କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ। ରାଷ୍ଟ୍ରପତି ଜୋ' ବାଇଡେନଙ୍କ ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ୍ ଏବଂ ଇଣ୍ଡୋ-ଆମେରିକୀୟ ସମ୍ପ୍ରଦାୟ ପ୍ରଶଂସା କରିବା ସହ ଐତିହାସିକ ନିଷ୍ପତ୍ତି ବୋଲି କହିଛନ୍ତି । ଯଦି ଆମେରିକାନ ସିନେଟ ପକ୍ଷରୁ ମଞ୍ଜୁରୀ ମିଳେ ତେବେ ପ୍ରଥମ ମହିଳା, ପ୍ରବାସୀ ଭାବେ ସେ ଇତିହାସ ରଚିବେ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନୀତି ବିଭାଗର ନିର୍ଦ୍ଦେଶକ ମୁଖ୍ୟ ଭାବେ ସେ ଦାୟିତ୍ୱ ତୁଲାଇବେ । ବାଇଡେନ ତାଙ୍କ ନାଁ ମନୋନୀତ କରିବା ସହ କହିଛନ୍ତି ଡ. ପ୍ରଭାକର ହେଉଛନ୍ତି ଜଣେ ବିଚକ୍ଷଣ, ଦକ୍ଷ ଓ ଅତ୍ୟନ୍ତ ସମ୍ମାନୀୟ ପଦାର୍ଥବିଜ୍ଞାନି। ସେ ଏହି ବିଭାଗ ଦାୟିତ୍ୱର ସହ ନିର୍ବାହ କରିବେ । ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବେ। ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାର ଦକ୍ଷତା ରଖନ୍ତି ପ୍ରଭାକର । ଯଦି ସିନେଟର ମୋହର ବାଜେ ତେବେ ସେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ରହିବେ । ତାଙ୍କର ନେତୃତ୍ୱରେ ଆମେରିକାର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବଡ ସଫଳତା ହାସଲ କରିବ । ସୂଚନାଥାଉକି, ଡ. ଆରତୀ ପ୍ରଥମ ମହିଳା ଭାବେ କାର୍ଲିଫୋନିଆ ବିଶ୍ୱବିଦ୍ୟାଳୟରୁ ପ୍ରୟୋଗାତ୍ମକ ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି ସମ୍ମାନ ଅର୍ଜନ କରିଛନ୍ତି। ବାଇଡେନ ସବୁବେଳେ ଭାରତ-ଆମେରିକୀୟଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଉପରାଷ୍ଟ୍ରପତି ଭାବେ କମଳା ହାରିଶ ନିର୍ବାଚିତ ହେବା ପରେ ଭାରତୀୟଙ୍କ ଦବଦବା ଆମେରିକାରେ ବଢିଯାଇଛି। ନିକଟରେ ୫ ଜଣ ଭାରତୀୟ ମୂଳ ଲୋକଙ୍କୁ ସେ ବିଭିନ୍ନ ଦାୟିତ୍ୱରେ ନିଯୁକ୍ତି ଦେଇଛନ୍ତି।

# ଅଗ୍ନିବୀର ନିଯୁକ୍ତି ପାଇଁ ପ୍ରଥମ ବର୍ଷ ୪୬ ହଜାର ପ୍ରାର୍ଥୀଙ୍କୁ ନିଆଯିବ



ନୂଆଦିଲ୍ଲୀ: କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ହେଉଛି ପ୍ରତିରକ୍ଷା ବିଭାଗର ଏକ ସଂସ୍କାର, ଯେଉଁ ବିଷୟରେ ବହୁଦିନରୁ ପରିକଳ୍ପନା କରାଯାଇ ଆସୁଥିଲା। ସୈନ୍ୟବାହିନୀରେ ଯୁବସୁଲଭ ଉଦ୍ଦାମତା ଏବଂ ପ୍ରବୀଣଙ୍କ ଅଭିଜ୍ଞତାକୁ ଫେଣ୍ଟାଫେଣ୍ଟି କରିବା ଏହି ଯୋଜନାର ଉଦ୍ଦେଶ୍ୟ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଗ୍ନିବୀରଙ୍କ ଲାଗି ଯେଉଁ ସଂରକ୍ଷଣ ଘୋଷଣା କରିଛନ୍ତି ତାହା ଆନ୍ଦୋଳନ ଯୋଗୁ ଚାପରେ ପଡି ନୁହେଁ, ବରଂ ତାହା ବି ପୂର୍ବରୁ ପ୍ରସ୍ତୁତ ହୋଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତାହାର ଘୋଷଣା ହୋଇଥାନ୍ତା ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ସାମରିକ ବ୍ୟାପାର ବିଭାଗ ଅତିରିକ୍ତ ସଚିବ ଲେଫ୍ଟନାଣ୍ଟ ଜେନେରାଲ ଅନିଲ ପୁରୀ କହିଛନ୍ତି, ପ୍ରତିରକ୍ଷା ବିଭାଗରେ ସଂସ୍କାର ଲାଗି ବହୁଦିନରୁ ଚିନ୍ତା କରାଯାଉଥିଲା। ଆମେ ଚାହୁଁଥିଲୁ ସେନାରେ ନବୀନ ଓ ପ୍ରବୀଣଙ୍କ ସମ୍ମିଶ୍ରଣ। ବର୍ତ୍ତମାନ ବହୁସଂଖ୍ୟକ ଯବାନଙ୍କ ବୟସ ୩୦ରୁ ୪୦ ବର୍ଷ ଭିତରେ ଏବଂ ଅଧିକାରୀମାନଙ୍କୁ କମାଣ୍ଡ (ସେନାରେ ଉଚ୍ଚ ପଦବି) ମିଳୁଛି ଆଗ ଅପେକ୍ଷା ଅନେକ ଡେରିରେ। ତିନି ସେନାରୁ ପ୍ରତିବର୍ଷ ପ୍ରାୟ ୧୭,୬୦୦ ଲୋକ ଚାକିରି ଅବଧି ପୂରିବା ପୂର୍ବରୁ ଅବସର ନେଉଛନ୍ତି। ଏତେ ସଅଳ ଅବସର ନେଲା ପରେ ସେମାନେ କ'ଣ କରିବେ ବୋଲି ଆଜିଯାଏ କେହି ତ ପଚାରି ନ ଥିଲେ ବୋଲି ପୁରୀ କହିଛନ୍ତି। ପ୍ରଥମ ବର୍ଷ ୪୬,୦୦୦ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିବା ପରେ ଏହି ପ୍ରକ୍ରିୟା ଆଗକୁ ବ୍ୟାପକ ହେବ ବୋଲି ସେ କହିଛନ୍ତି। ଅଗ୍ନିବୀର ପ୍ରଥମ ବ୍ୟାଚ୍ ପାଇଁ ଜୁନ୍ ୨୪ରୁ ଫେଜ୍ ୧ ଅନ୍‌ଲାଇନ୍ ପରୀକ୍ଷା ଆରମ୍ଭ ହେବ। ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସେମାନଙ୍କୁ ଚୟନ କରାଯାଇ ଡିସେମ୍ବର ୩୦ରୁ ତାଲିମ ଆରମ୍ଭ ହେବ ବୋଲି ଏୟାର ମାର୍ସାଲ ଏସ୍‌କେ ଝା କହିଛନ୍ତି। ଦ୍ୱିତୀୟ ବ୍ୟାଚ୍ ପାଇଁ ଚୟନ କାର୍ଯ୍ୟ ଫେବ୍ରୁଆରି ମାସରେ କରାଯିବ। ୮୩ଟି ନିଯୁକ୍ତି ରାଲି କରାଯିବ ଏବଂ ପ୍ରତ୍ୟେକ ଗାଁରୁ ଆଶାୟୀ ଯୁବକଙ୍କୁ ବଛାଯିବ ବୋଲି ଲେଫ୍ଟନାଣ୍ଟ ଜେନେରାଲ ସି ବଂଶୀ ପୋନାପ୍ପା କହିଛନ୍ତି। ବାୟୁସେନା ପାଇଁ ପ୍ରଥମ ଦଫା ଅଗ୍ନିବୀରଙ୍କୁ ଡିସେମ୍ବର ସୁଦ୍ଧା ଚୟନ କରାଯିବ ଏବଂ ତାଲିମ ବି ସେହି ମାସରେ ଆରମ୍ଭ ହେବ।

# ଆୟୁଷ ବଢ଼ାଇବାକୁ ହରିଣ ରକ୍ତରେ ସ୍ନାନ କରୁଛନ୍ତି ପୁଟିନ !



ମସ୍କୋ: ଆସନ୍ତା ଅକ୍ଟୋବରରେ ୭୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ବୋଲି ଅସମର୍ଥିତ ରିପୋର୍ଟରୁ ଜଣାପଡିଛି। କିନ୍ତୁ ଏହାର ସତ୍ୟାସତ୍ୟ ନେଇ ପ୍ରମାଣ ମିଳିବା କଷ୍ଟକର। ଦୁଇ ଦଶନ୍ଧି ଧରି କ୍ଷମତାରେ ରହିବା ଭିତରେ ପୁଟିନଙ୍କ ସ୍ୱାସ୍ଥ୍ୟ ବିଷୟରେ କିଛି ପ୍ରକାଶ ପାଇ ନାହିଁ। ତାଙ୍କ ସ୍ୱାସ୍ଥ୍ୟ ଭଲ ଅଛି ବୋଲି ଦର୍ଶାଇବା ପାଇଁ କ୍ରେମ୍‌ଲିନ ପକ୍ଷରୁ ତାଙ୍କର ଏକ ଛାତିଖୋଲା ଫଟୋ ପ୍ରକାଶ ପାଇଛି। ପୁଟିନଙ୍କ ସ୍ୱାସ୍ଥ୍ୟ ବିଷୟରେ ଗତ ଏପ୍ରିଲ ମାସରେ ରୁଷୀୟ ଭାଷାରେ ପ୍ରକାଶିତ ନ୍ୟୁଜ୍ ୱେବ୍‌ସାଇଟ୍ ପ୍ରୋଏକ୍ଟରେ ଏକ ଖବର ପ୍ରକାଶ ପାଇଥିଲା ଯେ ଦକ୍ଷିଣୀ ରିସର୍ଟ ସିଟି ସୋଚିକୁ ଯେତେବେଳେ ପୁଟିନ ଗସ୍ତ କରିଥିଲେ ସେତେବେଳେ ବହୁସଂଖ୍ୟକ ଡାକ୍ତର ବି ସେଠାକୁ ଯାଇଥିଲେ। ଏଥିରେ ଆହୁରି ଲେଖାଯାଇଥିଲା ଯେ ଥାଇରଏଡ୍ କ୍ୟାନସର ବିଶେଷଜ୍ଞ ୟେଭଗେନି ସେଲିଭାନୋଭ ବାରମ୍ବାର ସୋଚିକୁ ଯାଆନ୍ତି। ସେ ଯେତେବେଳେ ଯାଆନ୍ତି ଠିକ୍ ସେତିକିବେଳେ ପୁଟିନଙ୍କୁ ସାଧାରଣରେ ଦେଖିବାକୁ ମିଳି ନ ଥାଏ। ଆୟୁଷ ବଢ଼ାଇବା ପାଇଁ ପୁଟିନ ଏକ ଅଭିନବ ପନ୍ଥା ଆପଣଉଥିବା ଏଥିରେ ଦାବି କରାଯାଇଛି, ଯାହାକୁ ଅନ୍ଧବିଶ୍ୱାସ କୁହାଯାଇପାରେ। ତାହା ହେଉଛି ସାଇବେରୀୟ ସୁନ୍ଦର ଶିଙ୍ଗବାଲା ହରିଣ (ଆଣ୍ଟଲର) ରକ୍ତରେ ସ୍ନାନ। ତାଙ୍କର ବନ୍ଧୁ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ସୋଇଗୁ କୁଆଡେ ତାଙ୍କୁ ଏହି ପରାମର୍ଶ ଦେଇଛନ୍ତି।

ଫରାସୀ ସାପ୍ତାହିକ ପ୍ୟାରିସ୍ ମ୍ୟାଚ୍ ପକ୍ଷରୁ ଚଳିତ ମାସରେ ପ୍ରକାଶ ପାଇଛି ଯେ ପୁଟିନ ଯେତେବେଳେ ୨୦୧୯ରେ ସାଉଦି ଆରବ ଓ ୨୦୧୭ରେ ଫ୍ରାନ୍ସ ଗସ୍ତ କରିଥିଲେ ସେତେବେଳେ ତାଙ୍କ ମଳମୂତ୍ର ସଫା କରିବା ପାଇଁ ତାଙ୍କ ସହ ଏକ ଦଳ ଯାଇଥିଲା। ଉଦ୍ଦେଶ୍ୟ- କୌଣସି ବିଦେଶୀ ଶକ୍ତି ଯେପରି ପାଇଖାନାରୁ ତାଙ୍କ ମଳମୂତ୍ରର ନମୁନା ସଂଗ୍ରହ କରି ପରୀକ୍ଷା କରିବାର ସୁଯୋଗ ନ ପାଏ। ଆମେରିକାରୁ ପ୍ରକାଶିତ ଏକ ପତ୍ରିକା ନ୍ୟୁଜ୍‌ୱିକ୍‌ରେ ଜୁନ୍ ମାସରେ ଲେଖାଯାଇଛି ଯେ ପୁଟିନ କୁଆଡେ ଏପ୍ରିଲ ମାସରେ କ୍ୟାନସର ରୋଗର ଚିକିତ୍ସା କରାଇଥିଲେ। ଆମେରିକା ଗୁଇନ୍ଦା ସଂସ୍ଥା ସୂତ୍ରରୁ ସେମାନେ ଏହି ଖବର ପାଇଲେ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ଆମେରିକା ନ୍ୟାସନାଲ ସିକ୍ୟୁରିଟି କାଉନ୍‌ସିଲ ଏହାକୁ ଅସ୍ୱୀକାର କରିଛି। ୟୁକ୍ରେନ୍‌ର ସାମରିକ ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ କିରିଲୋ ବୁଡାନୋଭ ଏକ ଗଣମାଧ୍ୟମକୁ କହିଥିଲେ ଯେ ପୁଟିନଙ୍କୁ କ୍ୟାନସର ହୋଇଛି, କିନ୍ତୁ ଏହି ଦାବି ପଛରେ ତାଙ୍କ ପାଖରେ କୌଣସି ପ୍ରମାଣ ନ ଥିଲା।

# ଅପେରା ରାଇଜରେ ଅଭିନେତା ରାଇମୋହନ

ଭୁବନେଶ୍ୱର : ଓଡିଆ ଚ଼ଳଚ୍ଚିତ୍ର ଜଗତ ଓ ଅପେରା ମଞ୍ଚର ଲୋକପ୍ରିୟ ଅଭିନେତା ରାଇମୋହନ ପରିଡା (୫୯)ଙ୍କ ପରଲୋକ ଘଟିଛି। ପଳାସୁଣି ପ୍ରାଚ଼ୀବିହାରସ୍ଥିତ ନିଜ ଘରେ ସେ ବେକରେ ଧୋତି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଖବର ପ୍ରଚ଼ାରିତ ହେବାପରେ ଓଡିଆ ଚ଼ଳଚ୍ଚିତ୍ର ଓ ଯାତ୍ରାଜଗତରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରାଇମୋହନଙ୍କ ଏପରି ଅକାଳ ବିୟୋଗ କେବଳ ଓଲିଉଡ୍ ନୁହେଁ, ସାରାରାଜ୍ୟରେ ତାଙ୍କ ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ସ୍ତବ୍ଧ କରିଦେଇଛି। ସମ୍ମାନ ଓ ପ୍ରସିଦ୍ଧିରେ ବେଶ୍ ଉଚ୍ଚ ସୋପାନକୁ ଯାଇଥିବା ଏହି ବିଶିଷ୍ଟ ଅଭିନେତା ହଠାତ୍ କାହିଁକି ଏପରି ଚ଼ରମ ନିଷ୍ପତ୍ତି ନେଲେ ତାହା ଏବେ ବେଶ୍ ରହସ୍ୟଜନକ ହୋଇପଡିଛି। ବହୁବର୍ଷ ହେଲା ରାଇମୋହନ ପ୍ରାଚ଼ୀବିହାରରେ ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କ ସହ ରହୁଥିଲେ।



ତାଙ୍କ ବନ୍ଧୁ ତଥା ପଡୋଶୀଙ୍କଠାରୁ ମିଳିଥିବା ସୂଚ଼ନା ଅନୁଯାୟୀ ବେଶ୍ ସ୍ୱାଭାବିକ ଥିଲେ ରାଇମୋହନ। ସାଧାରଣ ଭାବେ ବାହାରକୁ ଯାଇଥିଲେ ଓ ଘରକୁ ଫେରିଥିଲେ। ତେବେ ତାଙ୍କ ପତ୍ନୀ ଓ ବଡଝିଅ କୌଣସି ପାରିବାରିକ କାର୍ଯ୍ୟରେ କଟକ ଯାଇଥିଲେ। ସାନ ଝିଅ କଲେଜ ଯାଇଥିଲେ। ଘରୁ ସମସ୍ତେ ଗଲାପରେ ରାଇମୋହନ ନିଜ ମୋବାଇଲ୍‌ରୁ ପତ୍ନୀ ଓ ଦୁଇ ଝିଅଙ୍କୁ 'ବାଏ' ଲେଖିଥିଲେ। ଏପରି ମେସେଜ୍ ପାଇ ପତ୍ନୀ ଓ ଝିଅଙ୍କ ଚ଼ିନ୍ତା ବଢ଼ିଯାଇଥିଲା। ପତ୍ନୀ ଓ ବଡ ଝିଅ ତୁରନ୍ତ ରାଇମୋହନଙ୍କୁ ଫୋନ୍ କରିଥିଲେ। କିନ୍ତୁ କିଛି ଉତ୍ତର ମିଳି ନ ଥିଲା। ଏହାପରେ ସେମାନେ ଡ୍ରାଇଭର୍‌ଙ୍କୁ ଫୋନ୍ କରି ରାଇମୋହନଙ୍କ ସମ୍ପର୍କରେ ପଚ଼ାରିଥିଲେ। ଏହାପରେ ଡ୍ରାଇଭର୍ ଉପର ମହଲାରେ ଥିବା ବେଡ୍‌ରୁମ୍‌କୁ ଯିବା ବେଳକୁ ରାଇମୋହନଙ୍କୁ ଝୁଲିବା ଅବସ୍ଥାରେ ଦେଖିଥିଲେ। ତୁରନ୍ତ ସେ ପଡୋଶୀଙ୍କୁ ଜଣାଇବା ସହ ପତ୍ନୀ ଓ ଝିଅଙ୍କୁ ଖବର ଦେଇଥିଲେ। ମଞ୍ଚେଶ୍ୱର ଥାନା ପୁଲିସ୍ ମଧ୍ୟ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଖବର ଜଣାପଡିବା ପରେ ରାଇମୋହନଙ୍କ ବାସଭବନ ସମ୍ମୁଖ ଲୋକାରଣ୍ୟ ହୋଇଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଚ଼ଳଚ୍ଚିତ୍ର, ଧାରାବାହିକ ଓ ଯାତ୍ରା ଜଗତର ବ୍ୟକ୍ତିମାନେ ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାର ପ୍ରାଥମିକ ତଦନ୍ତ କଲାପରେ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲେ। ସେଠାରେ ଏପରି ଭିଡ ଜମିଥିଲା ଯେ ଘରୁ ମରଶରୀରକୁ ବାହାର କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପୁଲିସ ନାକେଦମ୍ ହୋଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ମରଶରୀରକୁ ଡାକ୍ତର ଯାଞ୍ଚ କଲାପରେ ବ୍ୟବଚ୍ଛେଦ ହୋଇଥିଲା। ହସ୍ପିଟାଲ୍ ପରିସରରେ ପ୍ରିୟ ଅଭିନେତାଙ୍କ ଶେଷ ଦର୍ଶନ ପାଇଁ ମଧ୍ୟ ଭିଡ ଜମିଥିଲା। ଓଲିଉଡ୍‌ର ଜଣାଶୁଣା କଳାକାରମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ୍ ତାଙ୍କ ମରଶରୀରକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲା। ହସ୍ପିଟାଲ୍‌ରୁ ରାଇମୋହନଙ୍କ ମରଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ସେଠାରେ ଅଧ୍ୟାପକ, ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପ୍ରାଚ଼ୀବିହାରସ୍ଥିତ ତାଙ୍କ ବାସଭବନକୁ ମରଶରୀର ଅଣାଯାଇଥିଲା। ସେଠାରେ ମଧ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ। ଏହାପରେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ତାଙ୍କ ମରଶରୀରକୁ ନିଆଯାଇଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ଝିଅ ଉଦିତା ପରିଡା ମୁଖାଗ୍ନି ଦେଇଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଓଡିଆ ଚ଼ଳଚ୍ଚିତ୍ର ଜଗତରେ ଯେଉଁ ହାତଗଣତି କିଛି କଳାକାର ସଫଳତାର ଶୀର୍ଷ ସୋପାନ ଛୁଇଁଛନ୍ତି, ତାଙ୍କ ମଧ୍ୟରେ ରାଇମୋହନ ପରିଡାଙ୍କ ସ୍ଥାନ ନିଶ୍ଚିତ ରହିବ। କେବଳ ଚ଼ଳଚ୍ଚିତ୍ର ନୁହେଁ, ଯାତ୍ରା ଓ ଧାରାବାହିକରେ ମଧ୍ୟ ସେ ଜଣେ ଆଗଧାଡିର କଳାକାର। ଖଳ ଅଭିନେତା ଭାବେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ଜଣେ ଭଲ ଓ ମେଳାପୀ ମଣିଷ ଭାବେ ମଧ୍ୟ ସେ ସାଙ୍ଗସାଥୀଙ୍କ ମହଲରେ ପରିଚ଼ିତ। ପରଦାରେ ନିଜ ଅଭିନୟରେ ଲୋକଙ୍କୁ ଡରାଉଥିବା ଏହି ଅଭିନେତା ନିଜ ଜୀବନ ସହ ଖେଳିବାକୁ କାହିଁକି ନିଷ୍ପତ୍ତି ନେଲେ, ତାହା ଏବେ ବଡ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି। ସାଙ୍ଗସାଥୀ, ସହ କଳାକାର, ପଡୋଶୀ କେହି ମଧ୍ୟ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି। ଆତ୍ମହତ୍ୟା ପଛର କାରଣ ସମ୍ପର୍କରେ କେହି କିଛି କହିପାରୁ ନାହାନ୍ତି। ପରିବାର ସଦସ୍ୟମାନେ ଏ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ମଞ୍ଚେଶ୍ୱର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ୍ କହିଛି।

# କଳାହାଣ୍ଡି ଜଙ୍ଗଲରେ ବାଘ ସଂଖ୍ୟା କମୁଛି, ଟେର୍ ପାଉନି ବନ ବିଭାଗ

ଭବାନୀପାଟଣା : କଳାହାଣ୍ଡି ଜଙ୍ଗଲରୁ ଉଦ୍‌ବେଗଜନକ ଭାବେ ବାଘ ସଂଖ୍ୟା ହ୍ରାସ ପାଉଛି। ଯାହା ବି ଦେଖିବାକୁ ମିଳୁଛି, ତାହା କେବଳ ଚ଼ିତାବାଘ। କେବଳ ଗୋଟିଏ ମାତ୍ର ମହାବଳ ଥିବା ବାଘ ଗଣନାରୁ ଜଣାପଡିଛି। ଜିଲ୍ଲାରେ ଯେଉଁଭଳି ଭାବେ ଶିକାରୀ ସକ୍ରିୟ ଅଛନ୍ତି, ତାହା ବାଘସଂଖ୍ୟା ହ୍ରାସର କାରଣ ପାଲଟିଛି। ଓଡିଶା, ଛତିଶଗଡ ଓ ମହାରାଷ୍ଟ୍ରକୁ ବନ୍ୟପ୍ରାଣୀ ଅପରାଧର ଚେର ଲମ୍ବିଥିବା କୁହାଯାଉଛି। ଉଦ୍‌ବେଗର ବିଷୟ ବନବିଭାଗ ଏହାର ଟେର୍ ପାଉନି।



ସୂଚ଼ନା ଅନୁସାରେ, ଗତବର୍ଷ ହୋଇଥିବା ବାଘ ଗଣନାରୁ ଉତ୍ତର ବନଖଣ୍ଡରେ କୌଣସି ମହାବଳ ନଥିବାବେଳେ ୧୭ଟି ହାତୀ ଥିବା ଜଣାପଡିଥିଲା। କେବଳ ଚ଼ିତାବାଘ ଦେଖିବାକୁ ମିଳିଥିଲା। ସେହିଭଳି, ଦକ୍ଷିଣ ବନଖଣ୍ଡରେ ବ୍ୟାଘ୍ର ଗଣନାରେ ମାତ୍ର ଗୋଟିଏ ମହାବଳ ଥିବା ଜଣାପଡିଥିଲା । ଅନ୍ୟପକ୍ଷରେ; ୪୬ଟି ଚ଼ିତାବାଘ, ୨ଟି ହାତୀ ଥିବାବେଳେ କର୍ଲାପାଟ ଓ ବିଶ୍ୱନାଥପୁର ଅଞ୍ଚଳକୁ ଅନ୍ୟ ଅଞ୍ଚଳର ହାତୀ ମଧ୍ୟ ଆସୁଥିବା ଦେଖିବାକୁ ମିଳିଥିଲା। ମାତ୍ର, ଏହି ଚ଼ିତାବାଘ ବଂଶ ମଧ୍ୟ ଲୋପ ପାଇବାକୁ ଯାଉଛି। ଜିଲ୍ଲାରେ ଶିକାରୀମାନେ ସକ୍ରିୟ ରହିଥିବାବାରୁ ଏହି ବାଘବଂଶ ପ୍ରତି ବିପଦ ସୃଷ୍ଟି ହୋଇଥିବା କୁହାଯାଉଛି। ଜିଲ୍ଲାର କେବଳ ଉତ୍ତର ବନଖଣ୍ଡ ଡିଭିଜନରେ ଗତ ୨୦୦୫ରୁ ୨୦୧୯ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ଶିକାରୀ ଓ ତସ୍କର ଅଭିଯୋଗରେ ୭୭ ଜଣ ଗିରଫ ହୋଇ ସାରିଛନ୍ତି। ଏହିଭଳି ଦକ୍ଷିଣ ବନଖଣ୍ଡରେ ଏହି ସଂଖ୍ୟା ଢେର ଅଧିକ ଅଟେ। ଦିନ ଥିଲା କଳାହାଣ୍ଡି ଜିଲ୍ଲାରେ ବାଘ ଆକ୍ରମଣରେ ବହୁ ଲୋକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି। ଗତ ୧୯୫୯ ରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ ୨୭ ବର୍ଷରେ ୨୭୯ ଜଣଙ୍କ ବାଘ ଆକ୍ରମଣରେ ମୃତ୍ୟୁ ହୋଇଛି। ତେବେ, ବାଘ ଶିକାର ଯୋଗୁ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ବାଘ ଇତିହାସ ପାଲଟିବାକୁ ବସିଛି। କଳାହାଣ୍ଡି ବନ ବିଭାଗ ବନ୍ୟଜନ୍ତୁ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବର୍ତ୍ତମାନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ବନ୍ୟପ୍ରାଣୀ ଅପରାଡରେ ଏକ ରାକେଟ୍‌ର ପ୍ରଚ୍ଛନ୍ନ ହାତଥିବା କୁହାଯାଉଛି। ଛତିଶଗଡର ଉଦନ୍ତୀ ସୀତାନଦୀ ବାଘ ଅଭୟାରଣ୍ୟ ଓ ଓଡିଶାର କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାରେ ବାଘ ଶିକାର କରି ବାଘ ଛାଲ, ନଖ ରାଜ୍ୟ ବାହାରକୁ ଚ଼ାଲାଣ ହେଉଛି। ଏହି ରାକେଟ ଯୋଗେ ଛତିଶଗଡ ଓ ମହାରାଷ୍ଟ୍ରର ମୁମ୍ବାଇକୁ ବାଘଛାଲ ଚ଼ାଲାଣ ହୋଇଥିବା ଗିରଫ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। କ୍ରମେ ବନ୍ୟଜନ୍ତୁ ବଂଶ ଲୋପ ପାଉଥିବା ନେଇ ପରିବେଶବିତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

# ମୟୂରଭଞ୍ଜର ସଫଳ ଆଦିବାସୀ ମହିଳା ନେତ୍ରୀ



ବାରିପଦା : ମୟୂରଭଞ୍ଜ ଭଳି ଏକ ଦୁର୍ଗମ, ଆଦିବାସୀ ବହୁଳ ଜିଲ୍ଲାର ମହିଳାମାନେ ବି ରାଜନୀତିରେ ପଛରେ ନାହାନ୍ତି। କିଏ ବିଧାନସଭା ତ ଆଉ କିଏ ଲୋକସଭା ଓ ରାଜ୍ୟସଭାରେ ପ୍ରତିନିଧିତ୍ୱ କରିଛନ୍ତି। ଆଉ ଏବେ ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବିରେ ବସିବାକୁ ଯାଉଛନ୍ତି ମୟୂରଭଞ୍ଜର ଜଣେ ଆଦିବାସୀ ମହିଳା। ଅଶୀ ଦଶକରୁ ଆଜି ସୁଦ୍ଧା ମୟୂରଭଞ୍ଜରୁ ଯେଉଁ ୬ଜଣ ମହିଳା ଆଦିବାସୀ ନେତ୍ରୀ ରାଜନୀତି କ୍ଷେତ୍ରରେ ଈର୍ଷଣୀୟ ସଫଳତା ସାଉଁଟିଛନ୍ତି ତା ଉପରେ ନଜର ପକାଇବା।

ଅଶୀ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ ସରସ୍ୱତୀ ହେମ୍ବ୍ରମ। ସେ ୧୯୮୦-୮୫ ଓ ୧୯୮୫-୯୦ ଦୁଇ ଥର କୁଳିଅଣା ବିଧାନସଭା ଆସନରୁ ନିର୍ବାଚ଼ିତ ହୋଇଥିଲେ। ୧୯୯୫ ମସିହା ନିର୍ବାଚ଼ନରେ ଖୁଣ୍ଟା ବିଧାନସଭାରୁ ନିର୍ବାଚ଼ିତ ହେବା ସହ କ୍ୟାବିନେଟ୍ ମନ୍ତ୍ରୀ ହେବାର ସେ ?ଭାଗ୍ୟ ଅର୍ଜନ କରିଥିଲେ। ୨୦୦୦ ମସିହା ପରେ ପରେ ଓଡିଶାରେ କଂଗ୍ରେସର ପତନ ଘଟିବା ଆରମ୍ଭ ହୋଇଥିଲା। ଏଥିସହ ସରସ୍ୱତୀଙ୍କ ରାଜନୈତିକ କ୍ୟାରିୟର ବି ଆଗକୁ ବଢ଼ି ପାରିନଥିଲା। ସେହି କଂଗ୍ରେସ ଶାସନ ସମୟରେ ଆଉ ଜଣେ ଆଦିବାସୀ ମହିଳା ନେତ୍ରୀ ସୁଶିଳା ତିରିଆ ବି ରାଜନୀତି ମଇଦାନକୁ ଓହ୍ଲାଇ ସଫଳତା ପାଇଥିଲେ। ମାତ୍ର ୩୦ ବର୍ଷ ବୟସରେ ୧୯୮୬ରେ ସେ ରାଜ୍ୟସଭାକୁ ନିର୍ବାଚ଼ିତ ହୋଇଥିଲେ। ୨୦୦୬ରେ ସେ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାକୁ ଯାଇଥିଲେ। ୧୯୯୪ ଓ ୧୯୯୬ରେ ଦୁଇଥର ସାଂସଦ ଭାବେ ନିର୍ବାଚ଼ିତ ହୋଇ ଲୋକସଭାରେ ବି ପ୍ରତିନିଧିତ୍ୱ କରିଥିଲେ। ନବେ ଦଶକରେ ସୁଶିଳା ଥିଲେ ରାଜ୍ୟ କଂଗ୍ରେସର ସବୁଠାରୁ ଟାଣୁଆ ନେତ୍ରୀ। ଗାନ୍ଧୀ ପରିବାର ସହ ମଧ୍ୟ ତାଙ୍କର ଘନିଷ୍ଠତା ଥିଲା। ସେ ମଧ୍ୟ ଏକଦା କଂଗ୍ରେସର କାର୍ଯ୍ୟକାରୀ କମିଟିର (ସିଡବ୍ଲୁସି) ସଭ୍ୟା ଥିଲେ। ସେ ଏବେ କ୍ଷମତା ରାଜନୀତିରୁ ଦୂରେଇ ରହିଥିଲେ ବି କଂଗ୍ରେସ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।

ଆଉ ଜଣେ ସଫଳ ଆଦିବାସୀ ମହିଳା ହେଲେ ସରୋଜନୀ ହେମ୍ବ୍ରମ। ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଝିଅ ସରୋଜିନୀ ଅଧ୍ୟାପିକା ଚ଼ାକିରି ଛାଡି ବିଜେଡିରେ ଯୋଗ ଦେଇଥିଲେ। ୨୦୦୦ ସାଧାରଣ ନିର୍ବାଚ଼ନରେ ସେ ବାଙ୍ଗିପୋଷି ବିଧାନସଭା ଆସନରୁ ଜିତିଥିଲେ ଓ ମନ୍ତ୍ରୀ ହୋଇଥି ?ଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟସଭାକୁ ବି ନିର୍ବାଚ଼ିତ ହୋଇଥିଲେ। ୨୦୧୯ ନିର୍ବାଚ଼ନରେ ସେ ବାରିପଦା ବିଧାନସଭା ଆସନରୁ ଲଢ଼ି ଅଳ୍ପ ଭୋଟରେ ହାରି ଯାଇଥିଲେ ବି ରାଜନୀତିରେ ବେଶ୍ ? ସକ୍ରିୟ ଅଛନ୍ତି। ଜଣେ ଜ୍ଞାନିଗୁଣୀ ରାଜନେତ୍ରୀ ଭାବେ ସମସ୍ତେ ତାଙ୍କୁ ସମ୍ମାନ କରନ୍ତି।

୨୦୧୯ରେ କରଞ୍ଜିଆ ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ନିର୍ବାଚ଼ିତ ହୋଇଥିବା ବାସନ୍ତୀ ହେମ୍ବ୍ରମ ନିକଟରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ବାସନ୍ତୀ ସମିତି ସଭ୍ୟରୁ ରାଜନୀତି ଆରମ୍ଭ କରି ଦୁଇଥର ବ୍ଲକ ଅଧ୍ୟକ୍ଷା ହୋଇଥିଲେ। ତଳସ୍ତରରୁ ରାଜନୀତି ଆରମ୍ଭ କରି ସେ ଏବେ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ।

ଆଉ ଜଣେ ଚ଼ର୍ଚ୍ଚିତ ଆଦିବାସୀ ମହିଳା ହେଲେ ମମତା ମହାନ୍ତ। ମମତା ଜିଲ୍ଲା ପରିଷଦ ସଭ୍ୟରୁ ରାଜନୀତି ଜୀବନ ଆରମ୍ଭ କରିଥିଲେ। କୁଡୁମୀ ସମ୍ପ୍ରଦାୟରୁ ସେ ଏକମାତ୍ର ମହିଳା ଯେ କି ରାଜନୀତିରେ ଆଗକୁ ଯାଇ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ୨୦୨୦ରେ ସେ ବିଜୁ ଜନତା ଦଳରୁ ରାଜ୍ୟସଭାକୁ ନିର୍ବାଚ଼ିତ ହୋଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ଜିଲ୍ଲା ବିଜେଡିର ଜଣେ ପ୍ରମୁଖ ଚେହେରା ପାଲଟିଯାଇଛନ୍ତି। ତେବେ ଉପରୋକ୍ତ ସମସ୍ତ ନେତ୍ରୀଙ୍କୁ ଟପିଯାଇଛନ୍ତି ଦ୍ରୌପଦୀ ମୁର୍ମୁ। ଶିକ୍ଷକତା ଚ଼ାକିରି ଛାଡି ବିଜେପିରେ ଯୋଗ ଦେଇଥିଲେ ଦ୍ରୌପଦୀ। କାଉନ୍ସିଲରରୁ ରାଜନୈତିକ ଜୀବନ ଆରମ୍ଭ କରି ୨ଥର ବିଧାୟକ ଓ ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦୧୫ରେ ଝାଡଖଣ୍ଡର ରାଜ୍ୟପାଳ ହୋଇଥିଲେ। ଆଉ ଏବେ ଦ୍ରୌପଦୀଙ୍କୁ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ କରିଛି। ସଂଖ୍ୟା ଦୃଷ୍ଟିରୁ ସେ ରାଷ୍ଟ୍ରପତି ହେବା ଆଶା ଉଜ୍ଜ୍ୱଳ। ଯଦି ଦ୍ରୌପଦୀ ରାଷ୍ଟ୍ରପତି ହୁଅନ୍ତି ଏହାହେବ ମୟୂରଭଞ୍ଜର ତଥା ସାରାରାଜ୍ୟର କୌଣସି ଆଦିବାସୀ ମହିଳାଙ୍କ ପାଇଁ ଶ୍ରେଷ୍ଠ ଉପଲବ୍ଧି।

## ଡେଙ୍ଗୁ ପାଇଁ ସତର୍କ ରୁହିବାକୁ ସମସ୍ତ ଜିଲ୍ଲାପାଳ, ୫ କମିସନରଙ୍କୁ ଚ଼ିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର : ରାଜଧାନୀରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚ଼ାଲିଥିବାବେଳେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ବିଏମ୍‌ସି ସମତେ ରାଜ୍ୟର ୫ଟି ମହାନଗର ନିଗମର କମିସନର ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଡେଙ୍ଗୁ ମୁକାବିଲା ପାଇଁ କ'ଣ ପଦକ୍ଷେପ ନେବେ କୁହାଯାଇଛି। ଡେଙ୍ଗୁ ସମେତ ଭେକ୍ଟର ବାହିତ ରୋଗରେ ଯେପରି କେହି ନମରିବେ, କାହାକୁ ରକ୍ତର ଅଭାବ ହେବନି ସେନେଇ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ବର୍ଷାଋତୁରେ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ। ତେଣୁ ମୌସୁମୀ ଋତୁରେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ବ୍ୟାପିପାରେ। ଏଭଳି ସ୍ଥିତିରେ ତାଲିମପ୍ରାପ୍ତ କର୍ମଚ଼ାରୀଙ୍କୁ ନେଇ ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ଔଷଧ ଆଦି ମହଜୁଦ ରଖ। ବିଶେଷକରି ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଉପରେ ଦଖଲ ଥିବା ଅଧିକାରୀ ଓ କର୍ମଚ଼ାରୀଙ୍କୁ ମୁତୟନ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଦିନରେ ମ୍ୟାଲେରିଆ, ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ ସ୍ତରର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରସ୍ତୁତ ରଖିବା ସହ କୌଣସି ଠାରୁ ଏହାର ସୂଚ଼ନା ମିଳିଲେ ତ୍ୱରିତ ପଦକ୍ଷେପ ନିଅ। ଏହାସହ ଡେଙ୍ଗୁ, ମ୍ୟାଲେରିଆର ମୁକାବିଲା ଲାଗି ମାର୍ଗଦର୍ଶିକା ଜାରି ହୋଇଛି। ଜିଲ୍ଲା ଓ ପୌରପାଳିକା ସ୍ତରରେ ସହଯୋଗୀମାନଙ୍କୁ ନେଇ ବୈଠକ କରିବା ସହ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ଅନ୍ୟ ବିଭାଗଗୁଡିକ ସହ ମିଶି ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦିଆଯାଇଛି। ଯେଉଁସବୁ ଅଞ୍ଚଳରେ ଗତ ୫ ବର୍ଷ ମଧ୍ୟରେ ଭେକ୍ଟର ବାହିତ ରୋଗ ବ୍ୟାପିଛି ସେସବୁ ଅଞ୍ଚଳକୁ ଚ଼ିହ୍ନଟ କରିବା ସହ ଚ଼ଳିତବର୍ଷ ଉକ୍ତ ସମ୍ବେଦନଶୀଳ ଅଞ୍ଚଳକୁ ଠାବ କରିବାପାଇଁ ପରାମର୍ଶ ଦିଆଯାଇଛି । ଏହି ରୋଗରେ ମୃତ୍ୟୁ ଯେଭଳି ନଘଟିବ ସେଥିପାଇଁ ଠିକଣା ସମୟରେ ପରୀକ୍ଷା, ଚ଼ିକିତ୍ସା ଓ ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ଅନ୍ୟତ୍ର ରେଫର୍ କରିବାକୁ କୁହାଯାଇଛି। ସେହିପରି ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଭେକ୍ଟର ବାହିତ ରୋଗର ମୁକାବିଲା ପାଇଁ ଔଷଧ ଓ ରକ୍ତ ମହଜୁଦ ରଖିବା ସହିତ କୌଣସି ପ୍ରକାର ସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ଠାରୁ ବ୍ଲକ ପର୍ଯ୍ୟନ୍ତ ସବୁ ସ୍ତରରେ କର୍ମଚ଼ାରୀମାନଙ୍କୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଶିକ୍ଷସଂସ୍ଥା, ପଞ୍ଚାୟତ ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯିବ। ଡେଙ୍ଗୁ, ମ୍ୟାଲେରିଆ ଓ ଚ଼ିକେନଗୁନିଆ ଭଳି ରୋଗକୁ ପ୍ରତିହତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

## ହାତୀପଲଙ୍କ ଯୋଗୁଁ ଲୋକେ ରାତି ଉଜାଗର



ସିଙ୍ଗଡ଼ା: କରଞ୍ଜିଆ ବନଖଣ୍ଡର ଦୁଧିଆଣି ବନାଞ୍ଚଳ ଓ କରଞ୍ଜିଆ ବନାଞ୍ଚଳ ଉଭୟ ସ୍ଥାନରେ ୨୩ଟି ଝାଡ଼ଖଣ୍ଡୀ ହାତୀପଲ ଭାଗ ଭାଗ ହୋଇ ଉପଦ୍ରବ କରୁଥିବା ଜଙ୍ଗଲ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି। ଦୁଧିଆଣି ବନାଞ୍ଚଳର ତାଟୋ-ବିଉରିଆଠାରେ ୧୫ଟି ଏବଂ କରଞ୍ଜିଆ ବନାଞ୍ଚଳର କାଦଡିହା, ପଡିଆଧୁଡାଠାରେ ୮ଟି ହାତୀ ଭାଗ ହୋଇ ରହିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ତାଟୋ-ବିଉରିଆଠାରେ ଥିବା ୧୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ନାଖୁଡା ପ୍ରାଥମିକ ବିଦ୍ୟାଳୟ ପାଚେରି ଭାଙ୍ଗି ବିଦ୍ୟାଳୟ ହତା ଭିତରେ ପଶି ଗଛପତ୍ର ନଷ୍ଟ କରିଛନ୍ତି।

ସେହିପରି ଆଜି ଭୋର ସକାଳୁ ଦୁଧିଆଣି ବନାଞ୍ଚଳର ମୁଖ୍ୟ ନର୍ସରୀ ମଧ୍ୟରେ ପଶି ବହୁ ଚ଼ାରା ନଷ୍ଟ କରିଛନ୍ତି। ଏହି ହାତୀପଲ ବନାଞ୍ଚଳ କାର୍ଯ୍ୟାଳୟ ପଛରେ ଥିବା ବିଉରିଆ ସଂରକ୍ଷିତ ଜଙ୍ଗଲରେ ବର୍ତ୍ତମାନ ରହୁଥିବା ଜଙ୍ଗଲ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି। ସେହିପରି କରଞ୍ଜିଆ ବନାଞ୍ଚଳର କାଦଡିହା ଓ ପଡିଆଧୁଡା ଠାରେ ଏହି ଦଳର ଅନ୍ୟ ୮ଟି ହାତୀ ରହୁଛନ୍ତି। ଏହି ହାତୀପଲ ଧାନତଳି ଖାଇବା ସହ ଦଳି ଚ଼କଟି ନଷ୍ଟ କରିଛନ୍ତି। ଏହି ହାତୀପଲ ଦୁଇ ଭାଗରେ ବିଭକ୍ତ ହୋଇ ଉତ୍ପାତ କରୁଥିବାରୁ ସେମାନଙ୍କୁ ଏକାଠି କରି ଘଉଡ଼ାଇବା ପାଇଁ ଜଙ୍ଗଲ ବିଭାଗ ବିଫଳ ହୋଇଛି। ଯେପରି ଅଧିକ ଧନଜୀବନ ନଷ୍ଟ ନହୁଏ ସେ ବିଷୟରେ ବିଶେଷ ଧ୍ୟାନ ଦେଉଥିବା ଉଭୟ ବନାଞ୍ଚଳ ଅଧିକାରୀ ପ୍ରବୀର କୁମାର ମୁର୍ମୁ ଓ ପ୍ରଦୀପ କୁମାର ପୃଷ୍ଟି କହିଛନ୍ତି।

## 'ଅଗ୍ନିପଥ' ଯୋଜନାକୁ ତୀବ୍ର ବିରୋଧ କର: ମାଓ ସଂଗଠନ

ମାଲକାନଗିରି: ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାଓବାଦୀ)ର ଦକ୍ଷିଣ ସବ ଜୋନାଲ ବ୍ୟୁର ତରଫରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏହି ପ୍ରେସ ବିଜ୍ଞପ୍ତି ପ୍ରବକ୍ତା ସମତା ନାମରେ ପ୍ରକାଶ କରିଛନ୍ତି ଯେ ଭାରତୀୟ ସେନାରେ ଠିକା ପଦ୍ଧତି ଅଗ୍ନିପଥକୁ ଘୋର ବିରୋଧ କରନ୍ତୁ। ଏହି ଯୋଜନାକୁ ସାରା ଭାରତରେ ଯୁବକମାନେ ବିରୋଧ କରିଆସୁଥିବା ବେଳେ ବସ୍ତର ସମ୍ଭାଗର ଯୁବବର୍ଗଙ୍କୁ ଆହ୍ୱାନ କରାଯାଉଛି ଯେ ଏହି ବିରୋଧ ଆନ୍‌ଦୋଳନରେ ସାମିଲ ହୁଅନ୍ତୁ।କେନ୍ଦ୍ର ଓ ରାଜ୍ୟ ସରକାର ଜନବିରୋଧୀ ନୀତି ପ୍ରଣୟନ କରି ଯୁବ ବର୍ଗଙ୍କୁ ଭ୍ରମିତ କରୁଛନ୍ତି। ବେରୋଜଗାର ବଢୁଥିବା ବେଳେ ଏହାକୁ କେନ୍ଦ୍ର ସରକାର ଫାଇଦା ଉଠାଇବାକୁ ଯୁବକମାନଙ୍କୁ ପୁଲିସ, ସୈନିକ ଏବଂ ଅର୍ଦ୍ଧ ସୈନିକ ଦଳରେ ଭର୍ତ୍ତି କରିବାକୁ ଚେଷ୍ଟା କରୁଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଭର୍ତ୍ତି ନକରି ବେକାର ଯୁବକଙ୍କୁ ମରଣ ମୁହଁକୁ ଠେଲୁଛି। ସେମାନଙ୍କୁ ଠିକା କାମ ଦେଇ ପୁଣି ବେକାର କରିବ।ଠିକା ପ୍ରଥାକୁ ପ୍ରଚ଼ଳନ କରାଯାଇ ଶିକ୍ଷାକର୍ମୀ, ଶିକ୍ଷା ଦୂତ, ଜନଭାଗିଦାରୀ ଭଳି ଚ଼ାକିରି ପ୍ରଦାନ କରୁଛି। ସରକାରଙ୍କ ତରଫରୁ ଏଭଳି ଠିକା ପ୍ରଥା ଚ଼ାଲୁଥିବା ବେଳେ ବଡ ବଡ ଇଦ୍‌ଯୋଗରେ ମଧ୍ୟ ଏହାକୁ ଆରମ୍ଭ କରାଯାଇଛି। ଏବେ ସେନାରେ ଯୁବକଙ୍କୁ ଠିକାରେ ନିଆଯିବା କେତେ ଦୁର ଯୁକ୍ତିଯୁକ୍ତ ବୋଲି ସଂଗଠନ କହିଛି। ସରକାରୀ ଚ଼ାକିରିରେ ସଂପୂର୍ଣ୍ଣ ଭାବେ ଠିକା ପ୍ରଥାକୁ ବନ୍ଦ କରିବା ପାଇଁ ମାଓ ସଂଗଠନ ଦାବି କରିଛି, ଯେଉଁମାନେ ଠିକା ପ୍ରଥାରେ କାମ କରୁଛନ୍ତି ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ସବୁ ହାତକୁ କାମ ଏବଂ ସବୁ ଜମିକୁ ପାଣି ଯୋଗାଇବା ନେଇ ଆନ୍‌ଦୋଳନକୁ ତୀବ୍ରତର କରନ୍ତୁ ବୋଲି କୁହାଯାଇଛି।

## ନାଲ୍‌କୋ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ



ଭୁବନେଶ୍ୱର: ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍ (ନାଲକୋ) ପକ୍ଷରୁ ମହୀଶୂରଠାରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ଅଧିବେଶନର ସିଧା ପ୍ରସାରଣକୁ ଦେଖିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ନାଲକୋର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଧ୍ୟ ଅନ୍ୟ ଏକ ବିଶେଷ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଯୋଗ ଅଧିବେଶନରେ କମ୍ପାନିର ନିର୍ଦ୍ଦେଶକମଣ୍ଡଳୀ, ବରିଷ୍ଠ ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସଆଇ) ଓ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ର ଅଧିକାରୀ, ଛାତ୍ରଛାତ୍ରୀ ଏବଂ ନାଲକୋ ମହିଳା ସମିତିର ସଦସ୍ୟାମାନେ ଯୋଗଦେଇଥିଲେ।

## ଜମା ସୁଧ ବଢ଼ାଇଲେ ଆଉ ୩ ବ୍ୟାଙ୍କ

ନୂଆଦିଲ୍ଲୀ: ରିଜର୍ଭ ବ୍ୟାଙ୍କ ରେପୋ ହାର ବଢ଼ାଇବା ପରେ ଦେଶରେ ବ୍ୟାଙ୍କ ଗୁଡିକ ମିଆଦୀ ଜମା ଉପରେ ସୁଧ ହାର ବଢ଼ାଇବାରେ ଲାଗିଛନ୍ତି। ଏହି କ୍ରମରେ ବ୍ୟାଙ୍କ ଅଫ ବରୋଦା, ଏକ୍ସିସ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମିଆଦୀ ଜମା ସୁଧ ବଢ଼ାଇଛନ୍ତି। ୧ ବର୍ଷ ଅବଧିର ଜମା ଉପରେ ବ୍ୟାଙ୍କ ଅଫ ବରୋଦା ୫ ପ୍ରତିଶତ, ୨ ବର୍ଷର ଜମା ଉପରେ ୫.୪୫ ପ୍ରତିଶତ, ୩ ବର୍ଷର ଜମା ଉପରେ ୫.୫୦ ପ୍ରତିଶତ ଏବଂ ୫ ବର୍ଷର ଜମା ଉପରେ ୫.୩୫ ପ୍ରତିଶତ ସୁଧ ହାର ପ୍ରଦାନ କରିବ। ସେହିଭଳି ଏଚ୍‌ଡିଏଫସି ବ୍ୟାଙ୍କ ଉପରୋକ୍ତ ଅବଧିର ଜମା କ୍ଷେତ୍ରରେ ଯଥାକ୍ରମେ ୫.୩୫ ପ୍ରତିଶତ, ୫.୩୫ ପ୍ରତିଶତ, ୫.୫୦ ପ୍ରତିଶତ ଓ ୫.୭୦ ପ୍ରତିଶତ ସୁଧ ପ୍ରଦାନ କରିବ। ବ୍ୟାଙ୍କ ଅଫ ବରୋଦା ଜୁନ ୧୬ରୁ ଏବଂ ଏଚ୍‌ଡିଏଫସି ବ୍ୟାଙ୍କ ଜୁନ ୧୭ରୁ ଏହି ବର୍ଦ୍ଧିତ ସୁଧହାରକୁ କାର୍ଯ୍ୟକାରୀ କରିଛନ୍ତି। ଏକ୍ସିସ ବ୍ୟାଙ୍କ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅବଧିର ଜମା ଉପରେ ସୁଧ ହାର ଜୁନ ୧୬ରୁ ଏହାକୁ କାର୍ଯ୍ୟକାରୀ କରିଛି। ପୂର୍ବରୁ ଷ୍ଟେଟ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କ ଆଦି ମିଆଦୀ ଜମା ଉପରେ ସୁଧ ହାର ବୃଦ୍ଧି ଘୋଷଣା କରିସାରିଛନ୍ତି।

## ଖିମ୍‌ଜୀ ଜୁଏଲର୍ସର 'ବାଏ ଓ୍ୱାନ୍ ଗେଟ୍ ଟୁ ଅଫର୍'

KHIMJI®
Jewellers since 1936
BHUBANESWAR | BERHAMPUR | CUTTACK | ROURKELA

ଭୁବନେଶ୍ୱର: ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଡିଭାଇନ ସଲିଟାୟର୍ସ ଗହଣା ଉପରେ ଆକର୍ଷଣୀୟ 'ବାଏ ଓ୍ୱାନ୍ ଗେଟ୍ ଟୁ ଅଫର' ଘୋଷଣା କରାଯାଇଛି। ଖିମ୍‌ଜୀର ଭୁବନେଶ୍ୱର ଏବଂ କଟକ ସୋ'ରୁମ୍‌ରେ ସଲିଟାୟାର୍ସ ଗହଣାର ପ୍ରଦର୍ଶନୀ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇଛି। ଉକ୍ତ ପ୍ରଦର୍ଶନୀରୁ ଆକର୍ଷଣୀୟ ଅଫର ମାଧ୍ୟମରେ ଜଣେ ଗ୍ରାହକ ୧.୦ କ୍ୟାରେଟ୍‌ର ଡିଭାଇନ ସଲିଟାୟାର୍ସ ହୀରା ଗହଣା କିଣିଲେ ସେମାନଙ୍କୁ ସମାନ ରଙ୍ଗ, କଟ୍ ଏବଂ କ୍ଲାରିଟିର ୦.୧୮ କ୍ୟାରେଟ୍‌ର ଡିଭାଇନ ସଲିଟାୟର ଡାଇମଣ୍ଡ ମାଗଣାରେ ଉପଲବ୍ଧ ହେବ। ଉକ୍ତ ପ୍ରଦର୍ଶନୀ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଡିଭାଇନ ସଲିଟାୟର୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଜିଗ୍‌ନେଶ ମେହେଟ୍ଟା କୁହନ୍ତି, ଖିମ୍‌ଜୀ ଜୁଏଲର୍ସ ସହ ସହଯୋଗିତା ସ୍ଥାପନ କରି ଆମେ ଗର୍ବିତ। ସଲିଟାୟାର ପ୍ରଦର୍ଶନୀ ମାଧ୍ୟମରେ ଆମେ ଭୁବନେଶ୍ୱର ଓ କଟକର ଗ୍ରାହକଙ୍କ ପାଇଁ ଉଚ୍ଚମାନର ଗହଣା ଆଣିବାରେ ସକ୍ଷମ ହୋଇପାରିଛୁ। ସେହିଭଳି ଖିମ୍‌ଜୀ ଜୁଏଲର୍ସର ତତ୍ତ୍ୱାବଧାୟକ ମିତେଶ ଖିମ୍‌ଜୀ କୁହନ୍ତି, ଗହଣାର ମୂଲ୍ୟ ଏବଂ ଗୁଣବତ୍ତାରେ ସ୍ୱଚ୍ଛତା ପାଇଁ ଆମେ ଡିଭାଇନ ସଲିଟାୟାର୍ସର ପ୍ରଶଂସା ସର୍ବଦା କରିଆସିଛୁ। ଓଡିଶାର ଗ୍ରାହକମାନେ ଏହି ପ୍ରଦର୍ଶନୀରୁ ଡିଭାଇନ ସଲିଟାୟାର୍ସର ବ୍ୟାପକ ବର୍ଗର ହୀରା ଗହଣା କିଣିବା ସୁଯୋଗ ପାଇପାରିବେ ବୋଲି ସେ କହିଛନ୍ତି।

## ଫାୟାର-ବୋଲ୍ଟ' ରାଜସ୍ୱକୁ ତିନି ଗୁଣା ବଢ଼ାଇବ




ଭୁବନେଶ୍ୱର: ଫାୟାର-ବୋଲ୍ଟ ସ୍ମାର୍ଟୱାଚ୍ ବଜାରରେ ଏକ ନମ୍ବର ସ୍ଥାନ ଦଖଲ କରିଥିବା ଦାବି କରିଛି। ଏହି ସଫଳତାକୁ ପାଳନ କରିବା ଲାଗି କଂପାନି ପକ୍ଷରୁ ଆଜି ରିଟେଲ୍ ସହଯୋଗୀମାନଙ୍କ ଲାଗି ଏକ ମିଟ୍ ଆଣ୍ଡ୍ ଗ୍ରିଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଂପାନିର ପ୍ରଡକ୍ଟ ମ୍ୟାନେଜର ଅମିତ ଶ୍ରୀବାସ୍ତବ, ଆର୍‌ଏସ୍‌ଏମ୍ କୁନାଲ ବୋଷ, ସାଭେକ୍ସ ଟେକ୍‌ନୋଲୋଜିସ୍‌ର ଡିଜିଏମ୍ ସୁଜିତ ଦାସ ଓ ଆର୍‌ଜେଏସ୍ ଏଣ୍ଟରପ୍ରାଇଜେସ୍‌ର ଏମ୍‌ଡି ଜୟ ସଦାନି ଉପସ୍ଥିତ ଥିଲେ। ଏହି ଅବସରରେ କଂପାନି ପକ୍ଷରୁ ନୂଆ ସ୍ମାର୍ଟୱାଚ୍ ଉନ୍ମୋଚନ କରାଯାଇଛି। କଂପାନିର ବର୍ତ୍ତମାନର ରାଜସ୍ୱ ୫୦୦ କୋଟି ଟଙ୍କା ରହିଛି। ଏହା ଆସନ୍ତା ବର୍ଷ ନିଜ ରାଜସ୍ୱରେ ତିନି ଗୁଣା ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖିଛି। କଂପାନି ୪୭.୫% ଅଭିବୃଦ୍ଧି ସହ ୯୧୬,୭୬୫ ସ୍ମାର୍ଟୱାଚ୍? ବିକ୍ରି କରିଛି। ଓଡିଶାର ୧୦୦୦ ଷ୍ଟୋର୍ ସମେତ ଦେଶର ୩୦,୦୦୦ରୁ ଅଧିକ ଷ୍ଟୋର୍‌ରେ କଂପାନି ଏହାର ଉତ୍ପାଦ ବିକ୍ରି କରୁଛି। କଂପାନି ଓଡିଶାରେ ବ୍ୟାପକ ସମ୍ପ୍ରସାରଣ ଯୋଜନା ରଖିଛି।

# ୬୦% ପଞ୍ଚାୟତରେ ନାହିଁ ସ୍ଥାୟୀ ବ୍ୟାଙ୍କ ଶାଖା: ଅର୍ଥମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟରେ ୨,୭୩୮ଟି ଗ୍ରାମ ପଞ୍ଚାୟତରେ ୫,୬୦୭ ସ୍ଥାୟୀ ବ୍ୟାଙ୍କ ଶାଖା ରହିଛି। ଅର୍ଥାତ ମୋଟ ଗ୍ରାମପଞ୍ଚାୟତ ମଧ୍ୟରୁ ମାତ୍ର ୪୦% ଅଞ୍ଚଳରେ ସ୍ଥାୟୀ ଶାଖା ଅଛି। ଅନ୍ୟ ୬୦% ଗ୍ରାମାଞ୍ଚଳରେ ସ୍ଥାୟୀ ବ୍ୟାଙ୍କ ଶାଖା ନଥିବାରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉଦବେଗ ପ୍ରକାଶ କରିଛନ୍ତି। ଏହି ସବୁ ଅଞ୍ଚଳରେ ଶାଖା ଖୋଲିବା ଉପରେ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡିକୁ କହିଛନ୍ତି। ୧୬୭ତମ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ କିଛି ଅଞ୍ଚଳରେ ବ୍ୟାଙ୍କ ନଥିବାରୁ ସାଧାରଣ ଲୋକମାନେ ବ୍ୟାଙ୍କ ସେବାରୁ ବଞ୍ଚିତ ହେଉଛନ୍ତି। ବ୍ୟାଙ୍କଗୁଡିକ ଶାଖା ଖୋଲିଲେ ସେମାନଙ୍କ ପାଖରେ ସୁବିଧାରେ ବ୍ୟାଙ୍କ ସେବା ପହଞ୍ଚିପାରିବ। ଋଣ ପ୍ରଦାନ ବେଳେ ଶିକ୍ଷା ଓ ଗୃହ ନିର୍ମାଣକୁ ଅଗ୍ରାଧିକାର ଦେବାକୁ ସେ ବ୍ୟାଙ୍କଗୁଡିକୁ କହିଛନ୍ତି। ରାଜ୍ୟର ଅଭିବୃଦ୍ଧି ଯେଭଳି ଆହୁରି ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ଅଧିକ ଋଣ ଦେବାକୁ ମଧ୍ୟ ସେମାନଙ୍କୁ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ବୈଠକରୁ ଜଣାପଡିଛି ଯେ କୃଷି କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଇଥିବା ବାର୍ଷିକ ଋଣ ଯୋଜନାର ୯୫% ଲକ୍ଷ୍ୟ ହାସଲ ହୋଇପାରିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କାର ଋଣ ଦେବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ମହିଳା ଏସ୍‌ଏଚ୍‌ଜିଙ୍କୁ ଦିଆଯାଉଥିବା ଋଣର ପରିମାଣରକୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ ହୋଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଅଗ୍ରାଧିକାର କ୍ଷେତ୍ରଗୁଡିକୁ ୧.୩୪ ଲକ୍ଷ କୋଟି ଟଙ୍କାର ଋଣ ଦେବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲ୍ଲା ପ୍ରଶାସନ ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରିବା ଲାଗି ବ୍ୟାଙ୍କଗୁଡିକ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଶ୍ରୀ ପୂଜାରୀ ଆଶା ବ୍ୟକ୍ତ କରିଛନ୍ତି। କୃଷି, ଉଦ୍‌ଯୋଗ, ଏସ୍‌ଏଚ୍‌ଜିଙ୍କ ଆର୍ଥିକ ବିକାଶ ଓ ରାଜ୍ୟର ପ୍ରଗତି ପାଇଁ ସମୟୋଚିତ ଋଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ଏମ୍‌ଡି ଓ ସିଇଓ ସୋମା ଶଙ୍କର ପ୍ରସାଦ କହିଛନ୍ତି ଯେ ରାଜ୍ୟର ଋଣ ଜମା ଅନୁପାତରେ ଗତବର୍ଷ ତୁଳନାରେ ୦.୧୫-୦.୧୬% ବୃଦ୍ଧି ଘଟି ତାହା ୭୨%ରେ ପହଞ୍ଚିଛି। ଓଡିଶା ହେଉଛି ଦେଶର କିଛି ହାତଗଣତି ରାଜ୍ୟ ମଧ୍ୟରୁ ଅନ୍ୟତମ ଯେଉଁଠାରେ ସଂଗ୍ରହ କରାଯାଉଥିବା ଜମାର ସିଂହଭାଗ ରାଜ୍ୟ ଭିତରେ ଋଣ ଆକାରରେ ପ୍ରଦାନ କରାଯାଉଛି। ଏମ୍‌ଏସ୍‌ଏମ୍‌ଇ, କୃଷି ଓ ଖୁଚୁରା ଋଣ ଭାବେ ଅଧିକ ଋଣ ଦିଆଯାଉଛି।

ବ୍ୟାଙ୍କଗୁଡିକ ଆର୍ଥିକ ବର୍ଷର ଶେଷ ତିନି ମାସରେ ଅଧିକ ଋଣ ଦେବା ଉପରେ ଜୋର ଦେଉଛନ୍ତି। ସେଭଳି ପ୍ରଥାକୁ ଜାରି ନରଖି ସାରା ବର୍ଷ ଯେଭଳି ସମାନ ଭାବେ ଋଣ ଦିଆଯିବ ସେଥିପାଇଁ ବ୍ୟବସ୍ଥା ବିକଶିତ କରିବାକୁ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ବ୍ୟାଙ୍କଗୁଡିକୁ କହିଥିବା ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି। ଏହି ଅବସରରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍ ଏନ୍ ପଣ୍ଡା, ନାବାର୍ଡର ସିଜିଏମ୍ ସି ଉଦୟଭାସ୍କର, ଷ୍ଟେଟ୍ ବ୍ୟାଙ୍କର ସିଜିଏମ୍ ଚନ୍ଦ୍ର ଶେଖା ଶର୍ମା ଉପସ୍ଥିତ ଥିଲେ।

## ନାଲ୍‌କୋ ପକ୍ଷରୁ ରାଜଭାଷା ଉପରେ ପ୍ରତିଯୋଗିତା



ଭୁବନେଶ୍ୱର: କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ନିର୍ଦ୍ଦେଶାନୁସାରେ ଗଠିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ), ଭୁବନେଶ୍ୱର ଦ୍ୱାରା ନାଲକୋର ଅଧ୍ୟକ୍ଷତାରେ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ ହିସାବରେ ଭୁବନେଶ୍ୱରଠାରେ ରାଜଭାଷା ହିନ୍ଦୀ ପ୍ରଚାର ଏବଂ ପ୍ରସାର ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ, ଏଫସିଆଇ, ଏଏଆଇ, ନାଲକୋ, ବିଏସଏନଏଲ, ଭାରତ ପର୍ଯ୍ୟଟନ ବିକାଶ ନିଗମ ସହିତ ୧୫ଟି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଏଫସିଆଇ (ଆଞ୍ଚଳିକ କାର୍ଯ୍ୟାଳୟ) ପ୍ରଥମ ପୁରସ୍କାର ପାଇଥିବାବେଳେ ନାଲ୍‌କୋ ଦ୍ୱିତୀୟ ଏବଂ ଏଫସିଆଇ (ଡିଭିଜନାଲ କାର୍ଯ୍ୟାଳୟ) ତୃତୀୟ ପୁରସ୍କାର ପାଇଥିଲା। ଏହି କାର୍ଯ୍ୟକ୍ରମରେ ନାଲକୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ମହାପ୍ରବନ୍ଧକ ଅଶୁତୋଷ ରଥ, ରୋଶନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଚଳିତ ବର୍ଷ ଅଭିବୃଦ୍ଧି ୭.୫% ହେବ: ମୋଦୀ



ନୂଆଦିଲ୍ଲୀ: ବ୍ରିକ୍‌ସ ବିଜନେସ୍ ଫୋରମ୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଚଳିତ ବର୍ଷ ଭାରତର ଅଭିବୃଦ୍ଧି ୭.୫% ରହିବା ନେଇ ଆଶା କରାଯାଉଛି। ଏହା ଭାରତକୁ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିବ। ଦେଶର ପ୍ରତିଟି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଜାରି ରହିଛି। ଡ୍ରୋନ୍, ସବୁଜ ଶକ୍ତି ଓ ମହାକାଶ ବିଜ୍ଞାନ କ୍ଷେତ୍ରର ରୂପାନ୍ତରଣ ହେଉଛି। ୨୦୨୫ ସୁଦ୍ଧା ଭାରତୀୟ ଡିଜିଟାଲ ଅର୍ଥନୀତି ୧ ଲକ୍ଷ କୋଟି ଡଲାରରୁ ବଡ ହୋଇଯିବ ବୋଲି ମଧ୍ୟ ସେ କହିଛନ୍ତି। ଜାତୀୟ ଭିତିଭୂମି ପାଇପ୍‌ଲାଇନ୍‌ରେ ୧.୫ ଲକ୍ଷ କୋଟି ଡଲାର ନିବେଶ କରିବା ଲାଗି ନିବେଶକମାନଙ୍କ ପାଖରେ ସୁଯୋଗ ରହିଛି। ଚଳିତ ମାସ ୨୩ ଓ ୨୪ରେ ହେବାକୁ ଥିବା ବ୍ରିକ୍‌ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅତିଥି ରାଷ୍ଟ୍ରଗୁଡିକ ସହ ଏକ ଉଚ୍ଚ ସ୍ତରୀୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

## ଆଦାନି ପରିବାର ୬୦,୦୦୦ କୋଟି ଦାନ କରିବ



ନୂଆଦିଲ୍ଲୀ: ଦାତବ୍ୟ କାର୍ଯ୍ୟ ପାଇଁ ଆଦାନି ପରିବାର ୬୦ ହଜାର କୋଟି ଟଙ୍କା ଦାନ କରିବ। ଆଦାନି ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନିଙ୍କ ବାପା ଶାନ୍ତିଲାଲ ଆଦାନିଙ୍କ ଜୟନ୍ତୀ ଓ ଗୌତମଙ୍କ ୬୦ତମ ଜନ୍ମଦିନରେ ଏହି ଘୋଷଣା କରାଯାଇଛି। ଏହି ପାଣ୍ଠି ଆଦାନି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେବ। ଆଦାନି ପରିବାର ଦାନ କରିବାକୁ ଥିବା ଟଙ୍କାକୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ କୌଶଳ ବିକାଶ ପାଇଁ ଖର୍ଚ୍ଚ କରାଯିବ। ଏଥିରେ ଗ୍ରାମାଞ୍ଚଳକୁ ଅଧିକ ଧ୍ୟାନ ଦିଆଯିବ।

## ୟୁକୋ ବ୍ୟାଙ୍କ ୧୫ ନୂଆ ଶାଖା ଖୋଲିବ

ଭୁବନେଶ୍ୱର: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁକୋ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୧୫ଟି ନୂଆ ଶାଖା ଖୋଲିବାକୁ ଯୋଜନା ରଖାଯାଇଛି। ବ୍ୟାଙ୍କର କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁକୋ ବ୍ୟାଙ୍କର ଏମ୍‌ଡି ଓ ସିଇଓ ସୋମା ଶଙ୍କର ପ୍ରସାଦ ଏହି ସୂଚନା ଦେଇଛନ୍ତି। ସେ କହିଲେ, ରାଜ୍ୟରେ ଆମର ୨୪୯ଟି ଶାଖା ରହିଛି। ନୂଆ ଶାଖା ଖୋଲିବା ପରେ ଏହି ସଂଖ୍ୟା ୨୬୬କୁ ବୃଦ୍ଧି ପାଇବ। ଡିଜିଟାଲ୍ ବ୍ୟାଙ୍କିଙ୍ଗ୍‌ର ଗ୍ରହଣୀୟତା ବୃଦ୍ଧି ପାଉଥିବାରୁ ବ୍ୟାଙ୍କ ପକ୍ଷରୁ ପୁରୀ ଓ ସାଲେପୁର ଠାରେ ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ଖୋଲାଯିବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରସାଦ କହିଛନ୍ତି ଯେ ବ୍ୟାଙ୍କ ପକ୍ଷରୁ ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ ଋଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଓଡିଶାରେ ବ୍ୟାଙ୍କର ମୋଟ କାରବାର ୩୧ ହଜାର କୋଟି ଟଙ୍କାରୁ ଅଧିକ ରହିଛି। ଜମା ପରିମାଣ ୧୯ ହଜାର କୋଟି ଟଙ୍କା ଓ ଅଗ୍ରୀମ ୧୨ ହଜାର କୋଟି ଟଙ୍କା ରହିଥିବା ସେ କହିଛନ୍ତି। ଏଟିଏମ୍ ସଂଖ୍ୟାରେ ବୃଦ୍ଧି ହେଉନଥିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଡିଜିଟାଲ୍ ପେମେଣ୍ଟ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସେବା ଅତି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚିଥିବାରୁ ନଗଦ ଟଙ୍କାର ଆବଶ୍ୟକତା ହ୍ରାସ ପାଇଛି। ଏମିତିରେ ଏଟିଏମ୍ ସ୍ଥାପନ କରି ତାହାକୁ ପରିଚାଳନା କରିବା ଏକ ବ୍ୟୟବହୁଳ ବ୍ୟାପାର। ସେଥିପାଇଁ ପୂର୍ବଭଳି ଅଧିକ ଏଟିଏମ୍ ଖୋଲାଯାଉନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରିଜର୍ଭ ବ୍ୟାଙ୍କ ରିପୋର୍ଟ: ସବ୍‌ସିଡି ବାଣ୍ଟିବାରେ ଓଡିଶା ଆଗୁଆ



ଭୁବନେଶ୍ୱର: ହିତାଧିକାରୀଙ୍କୁ ସବ୍‌ସିଡି ବାଣ୍ଟିବାରେ ଆଗରେ ଥିବା ଶ୍ରେଷ୍ଠ ପାଞ୍ଚ ରାଜ୍ୟ ମଧ୍ୟରେ ଓଡିଶା ନାମ ରହିଛି। ଗତ ତିନି ବର୍ଷ ମଧ୍ୟରେ ଝାଡଖଣ୍ଡ, କେରଳ, ଓଡିଶା, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ ଦେଇଥିବା ସବ୍‌ସିଡିରେ ସର୍ବାଧିକ ବୃଦ୍ଧି ହୋଇଛି। ଗୁଜରାଟ, ପଞ୍ଜାବ ଓ ଛତିଶଗଡ ସେମାନଙ୍କ ରାଜସ୍ୱ ବ୍ୟୟର ୧୦%ରୁ ଅଧିକ ଅର୍ଥ ସବ୍‌ସିଡି ବାବଦରେ ଖର୍ଚ୍ଚ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ୨୦୨୨ ଜୁନ୍ ବୁଲେଟିନ୍‌ରେ କୁହାଯାଇଛି ଯେ ରାଜ୍ୟ ସରକାରମାନେ ଯେଉଁ ସବ୍‌ସିଡି ଦେଉଛନ୍ତି ତାହାର ସିଂହ ଭାଗ ମାଗଣା ସ୍କିମ୍‌ରେ ପ୍ରଦାନ କରୁଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦିଆଯାଉଥିବା ସହାୟତା ପାଇଁ ଯଦି ସବ୍‌ସିଡି ବାବଦ ଅର୍ଥ ଖର୍ଚ୍ଚ କରାଯିବ ତେବେ ତାହାର ଅର୍ଥନୈତିକ ଲାଭ ମିଳିଥାଏ। ମାତ୍ର ମାଗଣା ସ୍କିମ୍‌ରେ ଦିଆଯାଉଥିବା ସବ୍‌ସିଡିରୁ କୌଣସି ଅର୍ଥନୈତିକ ଲାଭ ମିଳେନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ରାଜ୍ୟଗୁଡିକ ମାଗଣା ବିଦ୍ୟୁତ, ମାଗଣା ପାଣି, ମାଗଣା ପରିବହନ ସୁବିଧା, ବିଦ୍ୟୁତ ବିଲ ଛାଡ ଓ କୃଷି ଋଣ ଛାଡ ଆଦିରେ ସବ୍‌ସିଡି ରାଶିକୁ ଅଧିକ ବ୍ୟୟ କରୁଛନ୍ତି। ସେଗୁଡିକୁ ମାଗଣା ସୁବିଧା ବୋଲି ବିଚାର କରାଯାଉଛି। ଏଭଳି ସ୍କିମ୍‌ଗୁଡିକର ଖରାପ ଦିଗ ହେଉଛି ଏହା ଦ୍ୱାରା ଘରୋଇ ନିବେଶ ଆକୃଷ୍ଟ କରିବାର ଯେଉଁ କ୍ଷମତା ରହିଥାଏ ତାହା ହ୍ରାସ ପାଏ। ମଜୁରି ହାର କମ୍ ରହିବା କାରଣରୁ ଶ୍ରମ ଶକ୍ତିର ଯୋଗଦାନ ମଧ୍ୟ ହ୍ରାସ ପାଏ। ଯଦି ଗରିବ ଲୋକମାନଙ୍କୁ ନଜରରେ ରଖି ମାଗଣା ସବ୍‌ସିଡି ଦିଆଯିବ ତେବେ ତାହାର ଲାଭ ମିଳିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। କିନ୍ତୁ ସେଥିରେ ବାଟମାରଣାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ହେବ। ଆନ୍ଧ୍ରପ୍ରଦେଶ, ବିହାର, ହରିୟାଣା, ଝାଡଖଣ୍ଡ, କେରଳ, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ୨୦୨୨-୨୩ରେ ମାଗଣା ସ୍କିମ୍ ପାଇଁ ସେମାନଙ୍କ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍?ଡିପି)ର ୦.୧-୨.୭% ପର୍ଯ୍ୟନ୍ତ ଅର୍ଥ ବ୍ୟୟ କରିବେ ବୋଲି ସେମାନଙ୍କ ବଜେଟ୍‌ରେ ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଏହି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଜୁନ୍ ପରେ ରାଜ୍ୟଗୁଡିକୁ ଆଉ କେନ୍ଦ୍ରରୁ ଜିଏସ୍‌ଟି କ୍ଷତିପୂରଣ ମିଳିବ ନାହିଁ। ସେଭଳି ସ୍ଥିତିରେ ଯଦି ମାଗଣା ସ୍କିମ୍ ଜରିଆରେ ବହୁ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିବ ତେବେ ତାହା ସରକାରଙ୍କ ରାଜକୋଷ ଉପରେ ଚାପ ପକାଇବ। ତେଣୁ ଦୀର୍ଘମିଆଦୀ ଲାଭ ପାଇବା ଲାଗି ନିଜ ବ୍ୟୟର ଢାଞ୍ଚାକୁ ବଦଳାଇବାକୁ। ସବ୍‌ସିଡି ପାଉଥିବା ହିତାଧିକାରୀମାନଙ୍କୁ ଯଦି ବାସ୍ତବରେ ସଶକ୍ତ କରାଯାଇପାରିବ ତେବେ ଭବିଷ୍ୟତ ଏଭଳି ସୁବିଧା ଦେବାର ଆବଶ୍ୟକତା ରହିବ ନାହିଁ। ତାହା ଉପରେ ରାଜ୍ୟଗୁଡିକୁ ଅଧିକ ଧ୍ୟାନ ଦେବା ଉଚିତ ବୋଲି ରିପୋର୍ଟରେ କୁହାଯାଇଛି।

ଯେଉଁମାନେ ଯୋଗ୍ୟ ଯଦି କେବଳ ସେମାନଙ୍କୁ ସବ୍‌ସିଡି ଦିଆଯିବ ତେବେ ରାଜସ୍ୱ ସଞ୍ଚୟ ହୋଇପାରିବ। ସେହି ରାଶିକୁ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗବେଷଣା ଓ ବିକଶା, ଗ୍ରାମୀଣ ଭିତ୍ତିଭୂମି ଆଦି କାର୍ଯ୍ୟରେ ରାଜ୍ୟ ସରକାର ନିବେଶ କରିପାରିବେ ଯାହା କେବଳ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ନାହିଁ ବରଂ ଦାରିଦ୍ର୍ୟ ହ୍ରାସ କରିବାରେ ମଧ୍ୟ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୧୯-୨୦ରେ ରାଜ୍ୟଗୁଡିକର ସବ୍‌ସିଡି ବ୍ୟୟ ହ୍ରାସ ପାଇବା ପରେ ୨୦୨୦-୨୧ରେ ସେଥିରେ ୧୨.୯% ଓ ୨୦୨୧-୨୨ରେ ୧୧.୨ ବୃଦ୍ଧି ଘଟିଛି। ରାଜ୍ୟଗୁଡିକର ମୋଟ ବ୍ୟୟର ୮.୨% ରାଶି ସବ୍‌ସିଡି ବାବଦରେ ଖର୍ଚ୍ଚ ହେଉଥିବା ରିପୋର୍ଟରୁ ଜଣାପଡିଛି।







# ଓଡ଼ିଶାରେ ଖୋଖୋ ବିକାଶ ଲାଗି 'ଅଲଟିମେଟ୍ ଖୋଖୋ' ହେବ ମାଧ୍ୟମ




ଭୁବନେଶ୍ୱର: ହକି ପରେ ଓଡିଶା ସରକାର ଖୋଖୋ ଦଳ କିଣିଛନ୍ତି। ପ୍ରଥମ ରାଜ୍ୟ ଭାବେ ୨୦୧୩ ମସିହାରେ ହକି ଇଣ୍ଡିଆ ଲିଗ୍‌ରେ ଦଳ (କଳିଙ୍ଗ ଲାନସର୍ସ) କିଣି ଅଜସ୍ର ପ୍ରଶଂସା ସାଉଣ୍ଟି ଥିବା ଓଡିଶା ଖୋଖୋ ଦଳ କିଣିବାରେ ବି ପ୍ରଥମ ରାଜ୍ୟ ହୋଇଛି। ଅଲିଟିମେଟ୍ ଖୋଖୋ (ଓକେକେ) ନାମରେ ଆରମ୍ଭ ହେବାକୁ ଯାଉଥିବା ପେସାଦାର ଖୋଖୋ ଲିଗ୍‌ର ପଞ୍ଚମ ଦଳକୁ ଓଡିଶା ସ୍ପୋର୍ଟସ ଡେଭଲପମେଣ୍ଟ୍ ଆଣ୍ଡ ପ୍ରୋ ମୋସନ୍ କଂପାନି (ଓଏସ୍‌ଡିପିସି) ମାଧ୍ୟମରେ କିଣିଛନ୍ତି ରାଜ୍ୟସରକାର। ଚଳିତବର୍ଷର ଖେଲୋ ଇଣ୍ଡିଆ ଯୁବ କ୍ରୀଡାରେ ଓଡିଶା ବାଳକ ଓ ବାଳିକା ରୌପ୍ୟ ପଦକ ଜିତିବା ପରେ ଏଥିରେ ଉତ୍ସାହିତ ହୋଇ ଓଡିଶା ସରକାର ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି। ଏହି କ୍ଷେତ୍ରରେ ଓଏସ୍‌ଡିପିସି ପ୍ରତିଷ୍ଠିତ ଇସ୍ପାତ ନିର୍ମାତା ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ ସହ ହାତ ମିଳାଇଛି। ଉଭୟ ଅଲଟିମେଟ୍ ଖୋ ଖୋରେ ଏକାଠି କାର୍ଯ୍ୟ କରିବେ। ଏହି ପରିପ୍ରେକ୍ଷୀରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ "ଓଡିଶାର ବିଭିନ୍ନ ସ୍ଥାନରେ ଖୋଖୋ ଖୁବ୍ ଲୋକପ୍ରିୟ। ସମ୍ପ୍ରତି ଖେଲୋ ଇଣ୍ଡିଆ ଯୁବ କ୍ରୀଡାରେ ଉଭୟ ବାଳକ ଏବଂ ବାଳିକା ବର୍ଗରେ ଓଡିଶା ରୌପ୍ୟ ପଦକ ହାସଲ କରିଛି। ଏହା ଏକ ପାରମ୍ପରିକ ଖେଳ ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହାର ସମ୍ପ୍ରସାରଣ କରିବା ପାଇଁ ଯଥେଷ୍ଟ ସୁଯୋଗ ରହିଛି। ସେଥିପାଇଁ ଆମେ ଖୋଖୋ ଲିଗ୍‌ରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ଓଡିଶାରେ କ୍ରୀଡାର ଲକ୍ଷ୍ୟ'ର ଏହା ଏକ ଅଂଶ।' ଏହି ସମ୍ପର୍କରେ ଅଲଟିମେଟ ଖୋଖୋର ମୁଖ୍ୟ କାର୍ଯ୍ୟନିର୍ବାହୀ ତେନଜିଂ ନିଓଗି କହିଛନ୍ତି ଯେ, "ଭାରତରେ କ୍ରୀଡା ବିବର୍ତ୍ତନକୁ ମଜବୁତ କରିବାରେ ଓଡିଶା ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। କ୍ରୀଡାର ବିକାଶ ପାଇଁ ଓଡିଶା ନେଉଥିବା ପଦକ୍ଷେପ ଖୁବ୍ ପ୍ରଭାବଶାଳୀ। ଏଠାରେ ଏପରି ଏକ ପରିବେଶ ସୃଷ୍ଟି ହୋଇଛି ଯେ ବହୁ କର୍ପୋରେଟ ନିବେଶକାରୀମାନେ ଭବିଷ୍ୟତର ଚାମ୍ପିଅନ୍ ସୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ଲାଗି ସହାୟତାର ହାତ ବଢ଼ାଇଛନ୍ତି। ଅଲଟିମେଟ୍ ଖୋଖୋ ସହ ଓଡିଶା ଯେଉଁ ସଂପର୍କ ଯୋଡିଛି ତାହା କ୍ରୀଡା ବିକାଶର ଏକ ନିଚ୍ଛକ ଉଦାହରଣ।

ସୂଚନାଯୋଗ୍ୟ ଯେ ପୂର୍ବରୁ ଅଲଟିମେଟ୍ ଖୋଖୋର ଚାରିଟି ଦଳ ଘୋଷଣା ହୋଇସାରିଛି। ବହୁରାଷ୍ଟ୍ରୀୟ ଅଦାନୀ ଗ୍ରୁପ ଏବଂ ଜିଏମଆର ଗ୍ରୁପ ଗୁଜୁରାଟ ଏବଂ ତେଲଙ୍ଗାନା ଦଳ କିଣିଛନ୍ତି। ସେହିଭଳି କ୍ୟାପ୍ରି ଗ୍ଲୋବାଲ ଏବଂ କେଏଲଓ ସ୍ପୋର୍ଟସ ଯଥାକ୍ରମେ ରାଜସ୍ଥାନ ଏବଂ ଚେନ୍ନାଇ ଦଳର ମାଲିକ ହୋଇଛନ୍ତି। ପଞ୍ଚମ ଦଳ ଓଡିଶା ସରକାର କିଣିଥିଲା ବେଳେ ଆଗାମୀ କିଛି ଦିନ ଭିତରେ ଏହାର ନାମ କରଣ ହେବ ବୋଲି ସୂଚନା ମିଳିଛି। ଅଲଟିମେଟ୍ ଖୋଖୋର ପ୍ରସାରଣ ପ୍ରସାରଣ ସୋନି ପିକ୍‌ଚର୍ସ ନେଟୱାର୍କ ଇଣ୍ଡିଆ (ଏସପିଏନଆଇ)ରେ କରାଯିବ। ଲିଗ୍‌ର ସମସ୍ତ କାର୍ଯ୍ୟକ୍ରମ ସୋନିର ସ୍ପୋର୍ଟସ ଚ୍ୟାନେଲ ଏବଂ ଓଟିଟି ପ୍ଲାଟଫର୍ମ ସୋନି ଲିଭ ଆପରେ ଇଂରାଜୀ ଏବଂ ଅନ୍ୟାନ୍ୟ ଆଂଚଳିକ ଭାଷାରେ ପ୍ରସାରିତ ହେବ।

# ରାଜ୍ୟଗୋଷ୍ଠୀ ହକି ଦଳରେ ଅମିତ ଏକମାତ୍ର ଓଡିଆ

## ମନପ୍ରୀତ ଅଧିନାୟକ, ହର୍ମନପ୍ରୀତ ଉପଅଧିନାୟକ







ନୂଆଦିଲ୍ଲୀ: ଇଂଲଣ୍ଡର ବର୍ମିଂହାମଠାରେ ଜୁଲାଇ ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ଲାଗି ହକି ଇଣ୍ଡିଆ ୧୮ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସ ଏକମାତ୍ର ଓଡିଆ ଭାବେ ସ୍ଥାନ ପାଇଛନ୍ତି। ମନପ୍ରୀତ ସିଂହ ଅଧିନାୟକ ପଦକୁ ଫେରିଥିଲା ବେଳେ ହର୍ମନପ୍ରୀତ ସିଂହ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର କେତେକ ମ୍ୟାଚ୍‌ରେ ଅଧିନାୟକ ନିଯୁକ୍ତ ହୋଇଥିବା ଅମିତଙ୍କଠାରୁ ଏବେ ଅଧିନାୟକ ପଦ କାଢ଼ି ନିଆଯାଇଛି। ସୂଚନାଯୋଗ୍ୟ ଯେ ଭାରତ ଏହି ପ୍ରତିଯୋଗିତାରେ ଇଂଲଣ୍ଡ, କାନାଡା, ୱେଲ୍ସ ଓ ଘାନା ସହ ପୁଲ୍-ବି'ରେ ସ୍ଥାନ ପାଇଛି। ଭାରତୀୟ ଦଳ ତାର ଅଭିଯାନ ଜୁଲାଇ ୩୧ ତାରିଖରେ ଘାନା ବିପକ୍ଷରେ ଆରମ୍ଭ କରିବ। ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର ଶ୍ରୀଜେଶ ଦଳରେ ସ୍ଥାନ ବଜାୟ ରଖିଥିଲା ବେଳେ ଅନ୍ୟତମ ଗୋଲ୍ ରକ୍ଷକ କ୍ରିଷନ୍ ବାହାଦୂର ପାଠକ ସଂପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି। ଆହତ ହୋଇ ଭାରତର ବିଗତ କିଛି ମ୍ୟାଚ୍‌ରୁ ବାଦ ପଡିଥିଲେ ସେ। ଅଷ୍ଟ୍ରେଲିଆର ଗୋଲ୍‌କୋଷ୍ଟରେ ଆୟୋଜିତ ଗତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ତେବେ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ପଦକ ଜିତିବା ସହ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ବର୍ମିଂହାମରେ ଭଲ କରିବ ବୋଲି ପ୍ରଶିକ୍ଷକ ଗ୍ରାହାମ ରିଡ୍ ଦୃଢ଼ ଆଶା ପୋଷଣ କରିଛନ୍ତି। ଦଳ ଘୋଷଣା ପରେ ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡା ଲାଗି ଆମେ ଏକ ଶକ୍ତିଶାଳୀ ଦଳ ଘୋଷଣା କରିଛୁ। ଏଥିରେ ଥିବା ଖେଳାଳିମାନେ ନିଜ ଦକ୍ଷତା ଏବଂ ରଣକୌଶଳର ପରୀକ୍ଷା ପୂର୍ବରୁ ଦେଇସାରିଛନ୍ତି ଏବଂ ଏଥିରେ ସଫଳ ବି ହୋଇଛନ୍ତି। ଖେଳାଳିମାନଙ୍କର ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ବହୁ ଶକ୍ତିଶାଳୀ ପ୍ରତିପକ୍ଷ ବିପକ୍ଷରେ ଖେଳିବାର ଅଭିଜ୍ଞତା ରହିଛି। ଆଗାମୀ ସମୟରେ ବେଙ୍ଗାଲୁରୁସ୍ଥିତ ସାଇ (ଭାରତୀୟ ପ୍ରାଧିକରଣ) କେନ୍ଦ୍ରଠାରେ ଆମର ପ୍ରଶିକ୍ଷଣ ଶିବିର ଆୟୋଜନ ହେବ। ଏଥିରେ ଆମେ ବେଲଜିୟମ ଏବଂ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ କରିଥିବା ପ୍ରଦର୍ଶନର ଅନୁଶୀଳନ କରିବୁ।

ଭାରତୀୟ ଦଳ: ଗୋଲ୍‌ରକ୍ଷକ-ପିଆର ଶ୍ରୀଜେସ୍, କ୍ରିଷନ୍ ବାହାଦୂର ପାଠକ। ରକ୍ଷଣଭାଗ-ବରୁଣ କୁମାର, ହର୍ମନପ୍ରୀତ ସିଂହ (ଉପଅଧିନାୟକ), ଅମିତ ରୋହିଦାସ, ଜୁଗରାଜ ସିଂହ, ଜର୍ମନପ୍ରୀତ ସିଂହ। ମଧ୍ୟଭାଗ-ମନପ୍ରୀତ ସିଂହ (ଅଧିନାୟକ), ହାର୍‌ଦିକ ସିଂହ, ବିବେକ ସାଗର ପ୍ରସାଦ, ସମସେର ସିଂହ, ଆକାଶଦୀପ ସିଂହ, ନୀଳକାନ୍ତ ଶର୍ମା। ଅଗ୍ରଭାଗ-ମନଦୀପ ସିଂହ, ଗୁରଜାନ୍ତ ସିଂହ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ।

# ରାଜ୍ୟଗୋଷ୍ଠୀ କ୍ରୀଡା ଦଳରେ ବି କେବଳ ଦୀପଗ୍ରେସ୍




ଭୁବନେଶ୍ୱର: ବିଶ୍ୱକପ୍ ଭଳି ଭାରତୀୟ ରାଜ୍ୟଗୋଷ୍ଠୀ କ୍ରୀଡା ହକି ଦଳରେ ମଧ କେବଳ ଜଣେ ଓଡିଆଙ୍କୁ ଦେଖିବାକୁ ମିଳିବ। କାରଣ ହକି ଇଣ୍ଡିଆ ଘୋଷଣା କରିଥିବା ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡା ଦଳରେ ଦୀପଗ୍ରେସ୍ ଏକ୍କାଙ୍କ ରୂପରେ ଓଡିଶାର ଜଣେ ମାତ୍ର ଖେଳାଳି ରହିଛନ୍ତି। ୪ ବର୍ଷ ତଳେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଖେଳାଯାଇଥିବା ରାଜ୍ୟଗୋଷ୍ଠୀ କ୍ରୀଡାର ଗତ ସଂସ୍କରଣରେ କିନ୍ତୁ ଦୀପଗ୍ରେସ୍, ନମିତା ଟପ୍ପୋ, ସୁନିତା ଲାକ୍ରା ଓ ଲିଲିମା ମିଞ୍ଜ୍‌ଙ୍କୁ ମିଶାଇ ଚାରି ଜଣ ଖେଳାଳି ଥିଲେ। ଯାହା ଓଡିଶା ହକି ପାଇଁ ଏକ ସତର୍କ ଘଣ୍ଟି ହୋଇଛି। ତୁରନ୍ତ ଏଦିଗରେ ପଦକ୍ଷେପ ନିଆ ନଗଲେ ଆଗାମୀ ସମୟରେ ଭାରତୀୟ ଦଳରେ ଓଡିଶା ମହିଳା ଖେଳାଳିଙ୍କ ସଂଖ୍ୟା ଶୂନକୁ ଖସି ଆସିବ ବୋଲି ମଧ ହକି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡା-୨୦୨୨ ପାଇଁ ଘୋଷିତ ହୋଇଥିବା ଏହି ଦଳରୁ ବରିଷ୍ଠ ଖେଳାଳି ତଥା ପୂର୍ବତନ ଅଧିନାୟିକା ରାଣୀ ରାମପାଲ ବି ବାଦ୍ ପଡିଛନ୍ତି। ବିଶ୍ୱକପ୍ ଦଳରେ ମଧ ତାଙ୍କୁ ସ୍ଥାନ ମିଳି ନଥିଲା। ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଘୋଷିତ ହୋଇଥିବା ବିଶ୍ୱକପ୍ ଦଳରୁ କେବଳ ତିନିଟି ପରିବର୍ତ୍ତନ କରାଯାଇଛି। ବିଚ୍ଚୁଦେବୀ ଖରିବାମଙ୍କ ସ୍ଥାନରେ ରଜନୀ ଏତିମାପ୍ପୁ ଦ୍ୱିତୀୟ ଗୋଲ୍‌ରକ୍ଷକ ପଦ ପାଇଛନ୍ତି। ବିଶ୍ୱକପ୍ ଦଳରେ ଥିବା ମଧ୍ୟଭାଗ ଖେଳାଳି ସୋନିକା ରାଜ୍ୟଗୋଷ୍ଠୀ ଦଳରୁ ବାଦ ପଡିଛନ୍ତି। ଅଗ୍ରଭାଗ ଖେଳାଳି ସଂଗିତା କୁମାରୀଙ୍କୁ ରାଜ୍ୟଗୋଷ୍ଠୀ ଦଳରେ ନିଆଯାଇଛି। ସବିତା ଅଧିନାୟିକା ନିଯୁକ୍ତ ହୋଇଥିଲା ବେଳେ ଦୀପଗ୍ରେସ୍ ?ଙ୍କୁ ଉପଅଧିନାୟିକା ନିଯୁକ୍ତ କରାଯାଇଛି। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡାର କାଂସ୍ୟ ପଦକ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ହାରି ଭାରତ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ତେବେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଥମ ଥର ଖେଳି ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଏଥରର ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପଦକ ଜିତିବ ବୋଲି ଆଶା ରଖିଛି। ଦଳ ଘୋଷଣା ପରେ ମୁଖ୍ୟ ପ୍ରଶିକ୍ଷକ ଜାନେକ ସ୍କପମ୍ୟାନ୍ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡା ଲାଗି ଆମେ ଏକ ଅଭିଜ୍ଞ ଦଳ ବାଛିଛୁ। ଏଥର ଆମେ ପଦକ ଜିତିପାରିବୁ ବୋଲି ଖେଳାଳିଙ୍କର ଆତ୍ମବିଶ୍ୱାସ ରହିଛି।

**ଭାରତୀୟ ଦଳ:**
ଗୋଲ୍‌ରକ୍ଷକ: ସବିତା ପୁନିଆ (ଅଧିନାୟିକା), ରଜନୀ ଏତିମାପ୍ପୁ, ରକ୍ଷଣଭାଗ: ଦୀପଗ୍ରେସ୍ ଏକ୍କା (ଉପଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା। ମଧ୍ୟଭାଗ: ନିଶା, ସୁଶିଳା ଚାନୁ ପୋଖରମବାମ୍, ମୋନିକା, ନେହା, ଜ୍ୟୋତି, ନଭଜ୍ୟୋତ କୌର, ସଲିମା ଟେଟେ, ଅଗ୍ରଭାଗ: ବନ୍ଦନା କଟାରିଆ, ଲାଲରେମସିଆମି, ନଭନୀତ କୌର, ଶର୍ମିଳା ଦେବୀ, ସଙ୍ଗୀତା କୁମାରୀ।

# ଡାକ୍ତରୀ ଛାଡ଼ି ଅଭିନୟରେ ସାଇ ପଲ୍ଲବୀ



ପିଲାଦିନେ ନିର୍ଦ୍ଦିଷ୍ଟ କ୍ଷେତ୍ର ପ୍ରତି ଜାଗି ଉଠିଥିବା ଆକର୍ଷଣ କିପରି ଜଣକ ଶିକ୍ଷାଦୀକ୍ଷାକୁ ଗୌଣ କରି ଜୀବନର ଗତିପଥ ନିର୍ଦ୍ଧାରଣ କରିଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଦକ୍ଷିଣୀ ଅଭିନେତ୍ରୀ ସାଇ ପଲ୍ଲବୀ ସେନ୍ଥାମରାଇ କନ୍ନାନ। ପିଲାବେଳେ ଏକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରିବାର ସୁଯୋଗ ତାଙ୍କ ମନରେ ଏପରି ଗଭୀର ରେଖାପାତ କରିଥିଲା ଯେ ସେ ପରବର୍ତ୍ତୀ କାଳରେ ଡାକ୍ତରୀ ଶିକ୍ଷାରେ ସ୍ନାତକ ଡିଗ୍ରି ହାସଲ କରିବା ସତ୍ତ୍ୱେ ଚିକିତ୍ସା ଛାଡ଼ି ଅଭିନୟରେ ମନୋନିବେଶ କରିଥିଲେ। ତେବେ ତାହା ହିଁ ତାଙ୍କୁ ଅଧିକ ଲୋକପ୍ରିୟ କରାଇବା ସହ ଆଠ ଥର ଜାତୀୟ ସ୍ତରୀୟ ପୁରସ୍କାର ପାଇବାର ଗୌରବ ଆଣିଦେଇଛି। ତାମିଲନାଡୁର ନୀଳଗିରି ଜିଲ୍ଲା ଅନ୍ତର୍ଗତ କୋଟାଗିରି ଠାରେ ୧୯୯୨ ମେ ୯ ତାରିଖରେ ଜନ୍ମିତ ପଲ୍ଲବୀ ଜଣେ ଶିଶୁ କଳାକାର ଭାବେ ୨୦୦୫ରେ ତାମିଲ ଫିଲ୍ମ 'କସ୍ତୁରୀ ମା' ଓ ୨୦୦୮ରେ 'ଧାମ ଧୁମ୍'ରେ ଦେଖା ଦେଇଥିଲେ। ମାତ୍ର ଦୁଇଟି ଯାକରେ ତାଙ୍କ ଅଭିନୟ ସେପରି ଦର୍ଶକୀୟ ସ୍ୱୀକୃତି ଲାଭ କରିନଥିଲା। କିନ୍ତୁ ତାହା ପଲ୍ଲବୀଙ୍କୁ ସିନେଜଗତରେ ବସା ବାନ୍ଧିବାକୁ ଖୋରାକ ଯୋଗାଇଥିଲା। ସୁଯୋଗକୁ ଜର୍ଜିଆରେ ତାଙ୍କର ମେଡିକାଲ ଶିକ୍ଷା ଚାଲିଥିଲା ବେଳେ ମାଲାୟଲୀ ଫିଲ୍ମ 'ପ୍ରେମମ୍'ର ପ୍ରମୁଖ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ମିଳିଥିଲା। ଏଥିପାଇଁ ସେ ସମ୍ମତି ଜଣାଇ ଛୁଟି ସମୟରେ ସୁଟିଂ ସାରିଥିଲେ। ଏଥିରେ ତାଙ୍କ ପ୍ରଦର୍ଶନ ଏତେ ଉଚ୍ଚକୋଟୀର ହୋଇଥିଲା ଯେ, ଦର୍ଶକ ଏବଂ ସମୀକ୍ଷକମାନେ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ।

ଏହା ତାଙ୍କୁ ଶ୍ରେଷ୍ଠ ନବାଗତ ନାୟିକା ଭାବେ ଫିଲ୍ମଫେୟାର ପୁରସ୍କାର ସମେତ ଅନ୍ୟାନ୍ୟ ପାଞ୍ଚଟି ଜାତୀୟ ପୁରସ୍କାର ଆଣିଦେଇଥିଲା। ଏହାପରେ ତାଙ୍କର ଦ୍ୱିତୀୟ ମାଲାୟଲୀ ଫିଲ୍ମ 'କାଲି' କୌଣସି ପୁରସ୍କାର ନଆଣିଲେ ମଧ ଅନୁରୂପ ଦର୍ଶକୀୟ ସ୍ୱୀକୃତି ଦେଇଥିଲା। ସେହିପରି ୨୦୧୭ରେ ସେ ତେଲୁଗୁ ଫିଲ୍ମ 'ଫିଦା'ରେ ପ୍ରଥମ ପଦାର୍ପଣ କରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସିପିସି ସିନେ ସମ୍ମାନ ଓ ଫିଲ୍ମଫେୟାର ସମ୍ମାନ ଲାଭ କରିଥିଲେ। ଫଳରେ ଜଣେ ଆଗଧାଡ଼ିର ଅଭିନେତ୍ରୀର ମାନ୍ୟତା ପାଇଥିବା ପଲ୍ଲବୀ ଆଉ ଡାକ୍ତରୀ ପେସା କଥା ନ ବିଚାରି ପଛକୁ ପଛ ବିଭିନ୍ନ ଦକ୍ଷିଣ ଭାରତୀୟ ଭାଷାର ସିନେମା ପରଷି ଚାଲିଲେ। ଏହିପରି ଭାବେ ତେଲୁଗୁ ଫିଲ୍ମ 'କଲମ୍', 'ଲଭ୍ ଷ୍ଟୋରି' ଓ 'ବୀରତା ପର୍ବମ୍' ସମେତ ମାଲାୟଲୀ ଫିଲ୍ମ 'ଆଥିରନ୍' ଏବଂ ତାମିଲ ସିନେମା 'ଦିୟା', 'ମାରି-୨' ଓ 'ପାବ କଧାଇଗାଲ' ଆଦିରେ ତାଙ୍କ ଅଭିନୟର ଯାଦୁକୁ ଦର୍ଶକ ମନଭରି ଉପଭୋଗ କରି ଆସୁଛନ୍ତି। ଚଳିତ ବର୍ଷ ତାଙ୍କର ତାମିଲ ଫିଲ୍ମ 'ଗାର୍ଗୀ' ମୁକ୍ତିଲାଭ କରିବାକୁ ଥିବା ବେଳେ ସେ ଏଥିପାଇଁ ଢେର ଉତ୍ସାହିତ ଅଛନ୍ତି।

# ସଫ୍ଟୱେର ଇଞ୍ଜିନିଅରରୁ ସଫଳ ଅଭିନେତ୍ରୀ ତାପସୀ ପନ୍ନୁ



ଜଣେ ସଫଳତାର ସ୍ୱାଦ ଚାଖିବା ସତ୍ତ୍ୱେ ନିଜ ଉଚ୍ଚାଭିଳାଷ ପୂରଣ ପାଇଁ ଠିକଣା ନିଷ୍ପତ୍ତି ନେଲେ କିପରି ଆଶାତୀତ ସଫଳତା ଅଜାଡ଼ି ହୋଇ ପଡ଼େ, ତାହା ଦେଖିବାକୁ ମିଳିଛି ଦକ୍ଷିଣୀ ଅଭିନେତ୍ରୀ ତାପସୀ ପନ୍ନୁଙ୍କ କ୍ଷେତ୍ରରେ। ଜଣେ ସଫ୍‌ଟୱେର ଇଞ୍ଜିନିଅର ଭାବେ ଜୀବିକା ଆରମ୍ଭ କରିଥିବା ତାପସୀ ମଡେଲିଂ ଜଗତ୍‌ରେ ପ୍ରବେଶ କରି ଜଣେ ଆଗଧାଡ଼ିର ମଡେଲ୍ ଭାବେ ଅନେକ ଖ୍ୟାତି ଅର୍ଜନ କରିଥିଲେ। ତେବେ ତାହା ତାଙ୍କ ଉଚ୍ଚାକାଂକ୍ଷା ପୂରଣ କରିବାରେ ଯଥେଷ୍ଟ ନୁହେଁ ଅନୁଭବ କରି ସେ ସିନେ ଜଗତ୍ ମୁହାଁ ହୋଇଥିଲେ। ଆଉ ତା'ର ପରିଣାମରେ ଦୁଇ ଥର ଫିଲ୍ମଫେୟାର ପୁରସ୍କାର ସମେତ ୧୪ ଥର ଜାତୀୟ ସ୍ତରୀୟ ପୁରସ୍କାର ହାତେଇବାର ବିରଳ କୀର୍ତ୍ତି ସେ ହାସଲ କରିପାରିଛନ୍ତି। ନୂଆଦିଲ୍ଲୀରେ ଏକ ପଞ୍ଜାବୀ ପରିବାରରେ ୧୯୮୭ ଅଗଷ୍ଟ ୧ରେ ଜନ୍ମିତ ତାପସୀ କମ୍ପ୍ୟୁଟର ସାଇନ୍ ?ସ ଇଞ୍ଜିନିଅରିଂରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ଶିକ୍ଷା ପରେ ଏକ ନାମୀ କମ୍ପାନିରେ ସେ ସଫ୍‌ଟୱେର ଇଞ୍ଜିନିଅର ଭାବେ ନିଯୁକ୍ତି ପାଇଥିଲେ। ତେବେ ୨୦୦୮ରେ 'ଚ୍ୟାନେଲ୍-ଭି'ର ବୁଦ୍ଧିମତା କାର୍ଯ୍ୟକ୍ରମ 'ଗେଟ୍ ଗର୍ଜିଅସ୍'ରେ ତାପସୀ ବଛାଯିବା ପରେ ମଡେଲିଂରେ ନିଜ ଜୀବନ ଗଢ଼ିବା ପାଇଁ ଦୃଢ଼ ପରିକର ହୋଇଥିଲେ। ବିଜ୍ଞାପନରେ ଅଭିନୟ କରୁ କରୁ ସେ ସେହିବର୍ଷ 'ପାଣ୍ଟାଲୁନ୍‌ସ ଫେମିନା ସତେଜ ସୁନ୍ଦରୀ' ଓ 'ସାଫି ଫେମିନା ସୁକୋମଳ ତ୍ୱଚା ସୁନ୍ଦରୀ' ଆଖ୍ୟା ହାସଲ କରିଥିଲେ। ତେବେ ମଡେଲିଂରେ ସେ ନିଜ ଅଭିଳାଷର ଶୀର୍ଷ ଛୁଇଁ ପାରିବେ ନାହିଁ ବୋଲି ଆଶଙ୍କା କରି ସିନେ ଦୁନିଆ ପ୍ରତି ମନ ବଳାଇଥିଲେ। ୨୦୧୦ରେ ତେଲୁଗୁ ଫିଲ୍ମ 'ଜୁମ୍ମାନ୍ଦି ନାଦମ୍'ରେ ପ୍ରଥମ ପଦାର୍ପଣ କରି ଦର୍ଶକ ମହଲରେ ହଇଚଇ ସୃଷ୍ଟି କରିଥିଲେ। ୨୦୧୩ରେ ସେ ହିନ୍ଦୀ ସିନେମା ଜଗତ୍‌କୁ ପ୍ରବେଶ କରିଥିଲେ 'ଚଷମେ ବଦ୍ଦୂର' ମାଧ୍ୟମରେ। ଏଥିରେ ତାପସୀଙ୍କ ସପକ୍ଷରେ ସମୀକ୍ଷକମାନେ ନଥିଲା ବେଳେ ଫିଲ୍ମଟି କିନ୍ତୁ ବକ୍ସ ଅଫିସରେ ସଫଳ ହୋଇଥିଲା। ୨୦୧୬ରେ ଅମିତାଭ ବଚ୍ଚନ ଅଭିନୀତ 'ପିଙ୍କ୍' ଫିଲ୍ମରେ ତାପସୀଙ୍କ ଶାଣିତ ଅଭିନୟ ଦର୍ଶକ ତଥା ସମୀକ୍ଷକମାନଙ୍କୁ ମୁଗ୍ଧ କରିଥିଲା। ଏହାପରେ 'ଦି ଗାଜି ଆଟାକ୍', 'ନାମ୍ ଶବାନା', 'ଜୁଡବା-୨', 'ମୁଲ୍‌କ', 'ମିସନ ମଙ୍ଗଳ', 'ଥପ୍ ?ପଡ଼' ଓ 'ଦିଲ୍ ? ଜଙ୍ଗଲୀ' ଆଦି ହିନ୍ଦୀ ଫିଲ୍ମ ତାପସୀଙ୍କ ସଫଳତା ମୁକୁଟରେ ନୂଆ ନୂଆ ରଙ୍ଗିନ ପର ଖଞ୍ଜି ଦେଇଥିଲା।

# ପହିଲି ପୁଲକର ପରିଭାଷା: ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନିକ୍କି



ଜୀବନର କୌଣସି କ୍ଷେତ୍ରରେ ଆଗକୁ ମାଡ଼ିବାର ପ୍ରଥମ ପାହୁଣ୍ଡ ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ନୂଆ ଦୁନିଆରେ ପାଦ ଥାପିବାର ପ୍ରଥମ ପୁଲକ ହିଁ କାହାକୁ ଶ୍ରେଷ୍ଠ କରିବାରେ ପ୍ରୋତ୍ସାହନ ଯୋଗାଇଥାଏ। ତେବେ ସେଭଳି ଅନୁଭବର ସକାରାତ୍ମକ ପ୍ରତିକ୍ରିୟା ଦକ୍ଷିଣ ଭାରତୀୟ ଭାଷାର ଉଦୀୟମତୀ ଅଭିନେତ୍ରୀ ନିକ୍କି ତମ୍ବୋଲିଙ୍କ ଜୀବନର ମୋଡ଼ ବଦଳାଇ ଦେଇଛି। ଫିଲ୍ମ ଦୁନିଆରେ ତାଙ୍କର ପ୍ରଥମ ପଦାର୍ପଣ ତାଙ୍କୁ ଏପରି ବିମୋହିତ କରିଦେଇଛି ଯେ ସେ ଆଉ କୌଣସି ଦ୍ୱିତୀୟ ପେସା କଥା କଳ୍ପନା ହିଁ କରୁନାହାନ୍ତି। ତିନି ବର୍ଷର ଅଭିନୟ ଜୀବନରେ ସେ ମାତ୍ର ଚାରିଟି ଫିଲ୍ମରେ ଦେଖାଦେଇଥିଲେ ହେଁ ତାଙ୍କ ପ୍ରଦର୍ଶନରେ ଦର୍ଶକ ଭରପୂର ମନୋରଂଜନ ପାଇଥିବା ଜଣାଯାଇଛି। ମହାରାଷ୍ଟ୍ରର ଔରଙ୍ଗାବାଦରେ ଏକ ଖ୍ରୀଷ୍ଟୀୟ ପରିବାରରେ ୧୯୯୬ ଅଗଷ୍ଟ ୨୧ରେ ଜନ୍ମିତ ନିକ୍କି ସ୍ନାତକ ଶିକ୍ଷା ପରେ କୌତୂହଳବଶତଃ ମଡେଲିଂ ଜଗତରେ ପାଦ ରଖିଥିଲେ। ୨୦୧୯ରେ ତାଙ୍କୁ ରୋମାଞ୍ଚ ରହସ୍ୟଭରା ତେଲୁଗୁ ଫିଲ୍ମ 'ଚିକଟି ଗାଡ଼ିଲୋ ଚିଠାକୋଟୁଡୁ'ରେ ଏକ ପ୍ରମୁଖ ଭୂମିକାରେ ଅଭିନୟର ସୁଯୋଗ ମିଳିଥିଲା। ଏଥିରେ ତାଙ୍କୁ କଳ୍ପନାତୀତ ଲୋକପ୍ରିୟତା ମିଳିବା ସହ ପ୍ରଯୋଜକ ମଧ ନବାଗତାଙ୍କ ପ୍ରତି ସନ୍ତୁଷ୍ଟି ଜାହିର କରିଥିଲେ। ଏହାପରେ ସେହି ବର୍ଷ ସେ ତାମିଲ ସିନେମା 'କାଞ୍ଚନ-୩'ରେ ପଦାର୍ପଣ କରି ଅନୁରୂପ ସଫଳତା ସାଉଁଟିଥିଲେ।

ତାଙ୍କର ତୃତୀୟ ସିନେମା 'ଥିପାରା ମୀସମ୍' ମଧ ନିକ୍କିଙ୍କ ଦର୍ଶକୀୟ ସ୍ୱୀକୃତିକୁ ଆଉ ପାଦେ ଆଗେଇ ନେଇଥିଲା। ତାଙ୍କର ଚତୁର୍ଥ ତଥା ସଦ୍ୟତମ ତେଲୁଗୁ ଫିଲ୍ମ 'ଆଣ୍ଟେ ସୁନ୍ଦରନିକି' ଗତ ସପ୍ତାହରେ ମୁକ୍ତିଲାଭ କରି ବେଶ ବ୍ୟାବସାୟିକ ସଫଳତା ହାସଲ କରୁଥିବା ଜଣାଯାଇଛି। ନିକ୍କି ୨୦୨୦ରେ ବାସ୍ତବଧର୍ମୀ ଟିଭି ଧାରାବାହିକ 'ବିଗ୍‌ବସ୍-୧୪'ରେ ପ୍ରତିଯୋଗୀ ସାଜି ଉପବିଜେତା ହେବାର ଗୌରବ ଅର୍ଜିଥିଲେ। ତାଙ୍କର ଭୂମିକାକୁ ଦର୍ଶକ ଏବଂ ଅନ୍ୟମାନେ ଖୁବ୍ ପ୍ରଶଂସା କରିଥିଲେ। ସେହିପରି ଗତବର୍ଷ ଅନୁରୂପ ଟିଭି ଧାରାବାହିକ 'ଫିଅର ଫାକ୍ଟର: ଖତରୋଁ କେ ଖିଲାଡ଼ି-୧୧'ରେ ମଧ ସେ ପ୍ରତିଯୋଗୀ ସାଜି ଦର୍ଶକମାନଙ୍କୁ ମନଭରି ଆପ୍ୟାୟିତ କରିଥିଲେ। ଅବଶ୍ୟ ସେ ଏଥିରେ ଦଶମ ସ୍ଥାନରେ ରହିଥିଲେ, ତେବେ ତାଙ୍କର ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ଥିଲା। ଏଥି ସହିତ 'ବାର୍ଥଡେ ପରୀ', 'ନମ୍ବର ଲିଖ', ଓ 'ଏକ ହସିନା ନେ' ପରି ସଂଗୀତ ଭିଡିଓରେ ନିକ୍କି ନିଜର ଯାଦୁ ପରଷିବାରେ ସଫଳ ହୋଇଛନ୍ତି।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com
ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty